ନବଚେତନା

ଡକ୍ଟର ଶରତ ଚନ୍ଦ୍ର ରଥ

Digitized by PPRACHIN, SOA

ନବଚେତନା

ଲେଖକ

ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ

ଏମ୍.ଏ. ଏମ୍‌ଫିଲ୍, ପିଏଚ୍.ଡି.

ଓଡ଼ିଆ ବିଭାଗ

ଉତ୍କଳ ବିଶ୍ୱବିଦ୍ୟାଳୟ

ବାଣୀବିହାର, ଭୁବନେଶ୍ୱର

Digitized by PPRACHIN, SOA

ନବଚେତନା

ଲେଖକ

ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ

ଏମ୍.ଏ. ଏମ୍‌ଫିଲ୍, ପିଏଚ୍.ଡି.
ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର

ପ୍ରକାଶକ

ଦିବ୍ୟ ପ୍ରକାଶନୀ

ଦିବ୍ୟ ବିହାର, ସାମନ୍ତରାପୁର, ଭୁବନେଶ୍ୱର - ୨
ପରିବର୍ଦ୍ଧିତ ସଂସ୍କରଣ - ୨୦୧୩, ଫେବୃୟାରୀ ୨୧
ମୂଲ୍ୟ - ଟ ୪୦.୦୦

NABA CHETANA

Written By

Prof. Dr. Sarat Chandra Rath

M.A. M.Phil. Ph.D.
Dept. of Odia, Utkal University
Vani Vihar, Bhubaneswar

Publisher
Divya Prakashani
Divya Vhiar, Samantrapur, Bhubaneswar - 2
Enlarged Edition, 21 Feb, 2013

Price : **Rupees Forty Only**

I.S.B.N. No. 81-87889-47-5

Digitized by PPRACHIN, SOA

ଯାହାଙ୍କ କରୁଣାରୁ ମୁଁ ଲେଖନୀ ଚାଳନା କରିଛି ସେହି ମୋର ପରମାରାଧ୍ୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣ-କମଳରେ 'ନବଚେତନା'କୁ ସମର୍ପଣ କରି ମୋର ବୋଉ ଶ୍ରୀମତୀ ମନୋରମା ଦେବୀଙ୍କ ହାତରେ ଅର୍ପଣ କଲି ।

ବିନୀତ

ଶରତ

Digitized by PPRACHIN, SOA

ନୂତନ ଆଶାବାଦର ମନ୍ମୟ କାବ୍ୟରୂପ 'ନବଚେତନା'

ଗୀତି କବିତା କବିର ଏକାନ୍ତ ବ୍ୟକ୍ତିଗତ ହୃଦୟର ମନ୍ମୟ ଅଭିବ୍ୟକ୍ତି । କବିଚିତ୍ତର କେନ୍ଦ୍ର-ଭୂମିକୁ ଅଭିଭୂତ କରି ଯେଉଁ ଭାବଟିଏ ପ୍ରକାଶ ପାଏ ତାହା ଏପରି ସରଳ ସାବଲୀଳ ଓ ଗୀତିମୟ ହୁଏ ଯେ, ଯେ କୌଣସି ପାଠକକୁ ତାହା ଗଭୀର ଭାବରେ ଆଲୋଡ଼ିତ କରିଦିଏ । ପ୍ରଜ୍ଞା ନୁହେଁ, ବୁଦ୍ଧି ନୁହେଁ, ଏକ ନମ୍ର କୋମଳ ହୃଦୟ ହିଁ ଏଥିରେ ପ୍ରାଧାନ୍ୟ ଲାଭ କରେ । ଡଃ ଶରତ ଚନ୍ଦ୍ର ରଥ ମୂଳତଃ ଜଣେ ଗୀତିକବି । ଅନ୍ୟାନ୍ୟ ଅନେକ ମାନବୀୟ ଭାବ ଓ ଅନ୍ତରୀଣ ସୌନ୍ଦର୍ଯ୍ୟ ବୋଧକୁ ନେଇ ତାଙ୍କର ବହୁ ଗୀତିକବିତା ପ୍ରକାଶ ପାଇଛି ଓ କେତୋଟି ସଂକଳନ ମଧ୍ୟ ଆଲୋକକୁ ଆସିଛି । 'ନବଚେତନା' ତାଙ୍କର ଦିବ୍ୟ ଚେତନା ଓ ଆଧ୍ୟାତ୍ମିକ ଭାବବୋଧର ମନ୍ମୟ ଆତ୍ମଲିପି । ଡଃ ରଥ ଶ୍ରୀଅରବିନ୍ଦ ଦର୍ଶନ ଓ ଶ୍ରୀମାଙ୍କର ଭବ୍ୟ ମାନବିକ ତଥା ଆଧ୍ୟାତ୍ମିକ ଆବେଦନରେ ଗଭୀର ଅବଗାହୀ । ସେହି ଦର୍ଶନକୁ ସେ ଏହି ସଂକଳନର ଗୀତିକା ଗୁଡ଼ିକରେ ରୂପ ଦେଇଛନ୍ତି । ଶ୍ରୀଅରବିନ୍ଦ ଯେପରି ଏକ ଦିବ୍ୟ ଜୀବନର ସଂଦେଶ ଦେଇଥିଲେ, ଯେପରି ଅତିମାନସର ମର୍ତ୍ତ୍ୟାବତରଣ ବିଷୟରେ ଉଲ୍ଲେଖ କରିଥିଲେ ଓ ଏକ ବିଶ୍ୱମାନବିକ ଦିବ୍ୟ ସମାଜର ପରିକଳ୍ପନା କରିଥିଲେ, ଶ୍ରୀମା ଯେପରି ବିଶ୍ୱର ମଣିଷମାନଙ୍କୁ ସେହି ଦିବ୍ୟ ଚେତନାର ଅବଧାରଣ ପାଇଁ ପ୍ରସ୍ତୁତ ହେବାକୁ କହିଥିଲେ, ତାହାକୁ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି ଡଃ ରଥ । ଏହି ଉପଲବ୍ଧି ଜୀବନ-ରସରେ ଜାରିତ ହୋଇଥିବାରୁ କବିତାଗୁଡ଼ିକ ହୋଇପାରିଛି ହୃଦ୍ୟ ।

କବିଙ୍କର ଆଶା–'ନୂତନ ଉଷାର ଆଲୋକ ପରଶେ ପାହିଯିବ ଅମା ନିଶା ।' ପୁନଶ୍ଚ ସେ କହନ୍ତି – 'ସୁଧା ସଂଜୀବନୀ ପ୍ରବାହ ପରଶେ ହସିବ ମରତ ଭୂଇଁ ।' ସେହି ସମୟରେ ମାନବିକତାର ଶୁଭ ସୌରଭ ବିଛୁରିତ ହୋଇଯିବ । ନୂତନ ସୂର୍ଯ୍ୟ

Digitized by PPRACHIN, SOA

ଉଇଁ ଆସିବ । ବିପର୍ଯ୍ୟସ୍ତ ଜଗତରେ ନୂତନ ଦିବସ ହେବ ଉଦ୍‌ଭାସିତ । ଏହି ଆଶାବାଦ ସମସ୍ତ କବିତାରେ ପ୍ରକଟିତ । କାବ୍ୟପୁରୁଷ ଅନୁଭବ କରିଛନ୍ତି ଯେ ଆପଣାର ବ୍ୟକ୍ତିସତ୍ତା ଭିତରେ ଗୋଟିଏ ମଧୁମୟ ବୀଣା ମନ୍ଦ୍ରିତ ହୋଇ ଉଠୁଛି । ଦିବ୍ୟ ଜନନୀଙ୍କର କରୁଣାବାରି ଯେପରି ତାଙ୍କ ହୃଦୟକୁ ପ୍ଳାବିତ କରିଦେଇଛି । ସେତିକିବେଳେ ଜୀବନ ଆକାଶରେ ଫୁଟି ଉଠିବ ନୂତନ ଆଲୋକ, ପ୍ରକଟିତ ହେବ ନବଚେତନା ଯେତେବେଳେ 'ମାନବ–ମାନସେ ନାଚିବ ଉଲ୍ଲାସେ ମାନବିକତାର ତରଙ୍ଗମାଳା', 'ସ୍ୱର୍ଗ ହେବ ଏ ଧରା ପରିବେଶ ନନ୍ଦନବନ କୁସୁମେ ଭରା ।' ଅତିମାନସର ସୁଷମା ବିରାଜିତ ହେବ ମରମ ତଳେ । କାବ୍ୟପୁରୁଷଙ୍କର ଦିବ୍ୟ ଜନନୀଙ୍କ ନିକଟରେ ନିବେଦନ – 'ଦୀପଟିଏ କର ମାଆ ମୁଁ ତୁମର/ ପାଦତଳେ ଜଳୁଥିବି । ଧୂପଟିଏ ହୋଇ ତୁମ ପୂଜା ବେଳେ/ ଜଳିଜଳି ଝରିଯିବି ।' କେତେ ଆନ୍ତରିକତାପୂର୍ଣ୍ଣ ଏହି ଉକ୍ତି । ଅହଂକାର ବିମୁକ୍ତ ଚିନ୍ତନ ହେଲେ ଏକଥା ଜଣେ କହିପାରେ ? କାବ୍ୟ ପୁରୁଷ କହନ୍ତି ଯେ ମାଆ ହିଁ କରୁଣାମୟୀ । ମାତୃମମତା ଓ ମାନବିକତାକୁ ତେଣୁ ଡଃ ରଥ ଏକ ଭାବବିନ୍ଦୁକୁ ନେଇ ଆସିଛନ୍ତି । ଏପରି ଅବସ୍ଥାରେ 'ଅହମିକାର ରାତି ଯିବଟି ପାହି/ ବହିବ ମରତରେ ଚେତନା ନଈ ।' ନୂଆ ଚେତନା ଆସି ଆଗାମୀ ଦିନ ପାଇଁ ଦେଇଯିବ ମଧୁବାର୍ତ୍ତା । ସେଇ ନୂଆ ଚେତନା, ଦିବ୍ୟଭାବର ପ୍ରତୀକ ଦିବ୍ୟଜୀବନ ପାଇଁ ଚାହିଁ ରହିଛନ୍ତି କାବ୍ୟପୁରୁଷ । ତାଙ୍କର ଧାରଣା ମାତୃବନ୍ଦନା, ମାତୃଉପାସନା ନିବିଡ଼ ହୋଇଗଲେ ଜଗତରୁ ଲୋପ ପାଇଯିବ ସକଳ କ୍ଷୁଦ୍ରତା ଓ ସଂକୀର୍ଣ୍ଣତା । ବିଶ୍ୱଭାବ ଓ ଭବ୍ୟ ମାନବିକତାର ସ୍ୱର୍ଣ୍ଣ ସିଂହାସନ ପ୍ରତିଷ୍ଠିତ ହେବ । ବିଶ୍ୱ ପ୍ରେମର ନିର୍ଝରିଣୀ ପ୍ରବାହିତ ହେବ । ମାଆଙ୍କ ଇଚ୍ଛାରେ ହିଁ ଏସବୁ ସଂଘଟିତ ହେବ । ତେଣୁ ମାଆଙ୍କ ନାମ ହିଁ ଏକମାତ୍ର ମନ୍ତ୍ର । ସେଇ ନାମରେ ଅଛି ଶାନ୍ତିର ପ୍ରଲେପ । ସେହି ନାମ ହିଁ ସଖା, ବନ୍ଧୁ । ସେହି ନାମର ମହିମାରେ ଧୋଇ ହୋଇଯିବ ସକଳ ଦୁଃଖ, କ୍ଳେଶ, ବ୍ୟଥା ଓ ବ୍ୟର୍ଥତା । ଏହି ଭାବଟି ହୃଦୟରେ ଘନୀଭୂତ ହୋଇଗଲେ ମଣିଷ ପାଲଟିଯିବ ଅମୃତର ସନ୍ତାନ । ସତ୍ୟ–ନ୍ୟାୟ ପ୍ରତିଷ୍ଠିତ ହେବ । ମଣିଷର ମନ ଯେତେବେଳେ ବାତଚକ୍ର ପରି ଘୁରୁଥାଏ, ସେତେବେଳେ ମାତୃମହିମା ହିଁ ତାକୁ ଶାନ୍ତ କରେ ଓ ମଣିଷକୁ ଏକ ଉତ୍ତରଣ ପଥରେ ଆଗେଇ ନିଏ । କାବ୍ୟପୁରୁଷ କାମନା କରିଛନ୍ତି –'ମାତୃ କରୁଣାରେ ଭରିଯିବ ଉଷାଲୋକ ।' ଜୀବନେଜୀବନେ ସେ ଅନୁଭବ କରିଛନ୍ତି ଦିବ୍ୟଲଳିତଛନ୍ଦ । ଦିବ୍ୟ ଅତିମାନସର ଅବତାର ହେଉଛନ୍ତି ମହାଯୋଗୀ ଶ୍ରୀଅରବିନ୍ଦ । ମନୁଷ୍ୟ ଯେତିକି ଯେତିକି

Digitized by PPRACHIN, SOA

ଅତିମାନସ ଓ ଦିବ୍ୟଚେତନାରେ ଉଦ୍‌ବୁଦ୍ଧ ହେବ ସେତିକି ସେତିକି ସେ ଭିତରେ ଓ ବାହାରେ ଅନୁଭବ କରିବ ନବ ସୌରଭ ଓ ମଧୁମଳୟର ପବିତ୍ର ପ୍ରଭାବକୁ । କାବ୍ୟପୁରୁଷଙ୍କର ଦୃଢ଼ ବିଶ୍ୱାସ ହୋଇଛି ଯେ, ବର୍ତ୍ତମାନର ଯୁଦ୍ଧଧ୍ୱାନ୍ତ ଜଗତ ଓ ବିଭୀଷିକାମୟ ପରିବେଶ ଭିତରୁ ଫୁଟି ଉଠିବ ଆଶା କୁସୁମ । 'ଅତି ମାନବର ଲୀଳା ନିକେତନ ହେବ ଏ ମରତ ପୁରୀ', ଏହା ହିଁ କାବ୍ୟପୁରୁଷଙ୍କର ଆଶାନ୍ୱିତ ଭାବନା । ଆଗାମୀ ଦିବ୍ୟ ଦିନରେ ପୁରୁଣା ଦିନ ରହିବ ନାହିଁ, ପୁରୁଣା କଥା ରହିବନାହିଁ । ନୂଆ ଜୀବନ ଆସିବ । ମର୍ତ୍ତ୍ୟ ହେବ ସ୍ୱର୍ଗ । ସମଗ୍ର କବିତାଗୁଡ଼ିକରେ ମଧୁସୂଦନୀୟ ବ୍ରହ୍ମବୋଧ ଓ ଜୀବନବୋଧ ଉଚ୍ଚାରିତ ହୋଇଥିଲେ ହେଁ ତାହା ଶ୍ରୀଅରବିନ୍ଦୀୟ ଅତିଚେତନା ଓ ବିଶ୍ୱ ମାନବିକ ଦିବ୍ୟଭାବରେ ଜାରିତ ହୋଇ ଏକ ନୂତନ କାବ୍ୟ ଚେତନା ସୃଷ୍ଟି କରିଛି । ଉପନିଷଦୀୟ ଭାବଧାରା ମଧ କବିତାଗୁଡ଼ିକୁ ପ୍ରାଣବନ୍ତ କରିଦେଇଛି । ମାତ୍ର ଏଥିରେ ଜଗତ, ମଣିଷ ଓ ଅତିମାନସ ଯେପରି ଏକ ସତ୍ତାକୁ ଅବତରି ଆସି ଏକ ବିଶ୍ୱ-ଗ୍ରାମ ପ୍ରତିଷ୍ଠାର ସଂକେତ ଦେଇଛି, ଏହା ଯେ କେହି ପାଠକ ଉପଲବ୍ଧି କରିବ । କବିତାର ଛନ୍ଦ ହୋଇଛି ହୃଦ୍ୟ, ଭାଷା ହୋଇଛି ଲଳିତ, ଭାବ ହୋଇଛି, ମଧୁର ଓ ଗଭୀର । ଏହି କବିତା ସଂକଳନ **'ନବଚେତନା'** ଯେ ଏକ ସାମାଜିକ ଦାୟିତ୍ୱବୋଧ ଓ ମାନବିକ ମୂଲ୍ୟବୋଧର ସୁବର୍ଣ୍ଣ ସ୍ମାରକୀ, ଏହା ନିଶ୍ଚିତ ଭାବରେ ସ୍ୱୀକାର୍ଯ୍ୟ ।

ଡଃ ବୈଷ୍ଣବ ଚରଣ ସାମଲ
ପ୍ରାକ୍ତନ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ

Digitized by PPRACHIN, SOA

ମୁଖଶାଳା

ଅଧ୍ୟାପକ ଡକ୍ଟର ଶ୍ରୀମାନ୍ ଶରତ ଚନ୍ଦ୍ର ରଥଙ୍କ ବିରଚିତ ପାଣ୍ଡୁଲିପି ପାଠ କରି ଆନନ୍ଦ ଅନୁଭବ କଲି । ଶ୍ରୀମାନ୍ ଶରତ ଚନ୍ଦ୍ର ଓଡ଼ିଆ ଭାଷା ସାହିତ୍ୟର କେବଳ ଜଣେ ଅଧ୍ୟାପକ ନୁହନ୍ତି, ସେ ମଧ୍ୟ ଜଣେ କାବ୍ୟରସିକ ଓ କବି । ବିଶେଷତଃ, ଆଧ୍ୟାତ୍ମିକ ଭାବାନୁଭୂତିସଂପନ୍ନ କବିତା ରଚନାରେ ତାଙ୍କର ବିଶେଷତ୍ୱ ଲକ୍ଷ୍ୟ କରିହୁଏ ।

କବିଙ୍କର ମନପ୍ରାଣ ଯୁଗପୁରୁଷ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଭାବାଦର୍ଶରେ ଅନୁପ୍ରାଣିତ । ଶ୍ରୀଅରବିନ୍ଦଙ୍କର ଭବିଷ୍ୟତ- ଦର୍ଶନରେ ପୃଥିବୀ ଓ ମାନବସମାଜ ଏକ ନୂତନ ଦିବ୍ୟଯୁଗ ପାଇଁ ଅପେକ୍ଷା କରୁଛି ଓ ପ୍ରସ୍ତୁତ ହେଉଛି । ସେହି ଭବିତବ୍ୟତା ଅବଶ୍ୟମ୍ଭାବୀ । ବର୍ତ୍ତମାନ ଏହି କାଳ-ସନ୍ଧି ମୁହୂର୍ତ୍ତଟି ହେଲା ଏକ ନୂତନ ଯୁଗର ଉଷା ଆବିର୍ଭାବ ହେବାର ପୂର୍ବ ସମୟ । ଏହି ସମୟରେ ଅନ୍ଧକାର ଆହୁରି ଘନୀଭୂତ ହୋଇଛି ଏବଂ ପାପଶକ୍ତିମାନେ ପ୍ରବଳ ହୋଇଛନ୍ତି । ତା'ର ଫଳସ୍ୱରୂପ ବର୍ତ୍ତମାନ ପୃଥିବୀରେ ନାନାଦି ବିପର୍ଯ୍ୟୟ ଦେଖା ଦେଇଛି । ତା'ହେଲେ ବି, ସେହି ନୂତନ ଯୁଗର ଉଷାର ପୂର୍ବାଭାସ ପୂର୍ବଦିଗରେ କ୍ରମଶଃ ପ୍ରକଟିତ ହୋଇଆସୁଛି । କବି ଶ୍ରୀମାନ୍ ରଥ ସେହି ଦିବ୍ୟଭାଷାର ପ୍ରାକ୍‌ବନ୍ଦନା ଗାଇଛନ୍ତି ତାଙ୍କ ରଚିତ ଏହି ସୁଲଳିତ କବିତାଗୁଡ଼ିକରେ । ସମଗ୍ର କବିତା ସଂକଳନଟିରେ ସତେ କି ପୂତପ୍ରଭାତ ଶୁଭକାମୀ ବିହଗମାନଙ୍କର ମଧୁକାକଳିରେ ଭରା ଅପୂର୍ବ ଗୀତି-ସ୍ପନ୍ଦନ ବାଜି ଉଠିଛି । ଅତିମାନସ ଯୁଗର ଆଗମନୀ ପାଇଁ ଏହି କବିତାଗୁଡ଼ିକ ସତେକି ପ୍ରଗାଢ଼ ଅଭୀପ୍‌ସା ଓ ଆକୂତିରେ ଭରା ପ୍ରଭାତୀ ସଙ୍ଗୀତ ।

ତଥାପି ରହିଛି ଅଶା
ନୂତନ ଉଷାର ଆଲୋକ ପରଶେ ପାହିଯିବ ଅମାନିଶା ।

କବି ତାଙ୍କର ଭକ୍ତିପୂର୍ଣ୍ଣ ଅନ୍ତରରେ ଦୃଢ଼ ଆଶାପୋଷଣ କରିଛନ୍ତି ଏବଂ କେବଳ ଆଶା ପୋଷଣ କରି ନାହାନ୍ତି, ସେ ମଧ୍ୟ ଅୟୁତାୟୁତ ମଙ୍ଗଳକାମୀ ଅଭୀପ୍‌ସୁମାନଙ୍କ ସହିତ କଣ୍ଠ ମିଳାଇ ଗାଇଉଠିଛନ୍ତି ପରମ ଆସ୍ଥା ଓ ବିଶ୍ୱାସର ସଙ୍ଗୀତ ।

ସ୍ୱର୍ଗ ଆସିବ ନଇଁ
ସୁଧା ସଂଜୀବନୀ ପ୍ରବାହ ପରଶେ ହସିବ ମରତ ଭୂଇଁ ।

Digitized by PPRACHIN, SOA

ଏହି ଯେଉଁ ନବୀନ ଦିବ୍ୟଯୁଗର ଅଭ୍ୟୁଦୟ ହେବାକୁ ଯାଉଛି ସେହି ଯୁଗର ଅଧିଷ୍ଠାତ୍ରୀ ଓ ନିର୍ମାତ୍ରୀ ଦେବୀଙ୍କୁ ସେ ଆରାଧନା କରି କହୁଛନ୍ତି –

ମୋ ମନରେ ରହୁ ଅଶେଷ ଆନନ୍ଦ
ତୁମ ନିରାଜନା ପାଇଁ
ପାଖୁଡ଼ା ପାଖୁଡ଼ା ମେଲି ଫୁଟିଯାଇ
ଚେତନାର ନୀଳକଇଁ ।

କବିଙ୍କ ହୃଦୟ ସେହି ଦିବ୍ୟଆଶାରେ ଉଦ୍‌ବେଳିତ ହୋଇଉଠିଛି । ସେ ତାଙ୍କର ଭକ୍ତି-ବିଶ୍ୱାସ-ପୂର୍ଣ୍ଣ ଅନ୍ତରରେ ଅପେକ୍ଷା କରି ରହିଛନ୍ତି ସେହି ଅଭୂତପୂର୍ବ ଦିବ୍ୟ ପ୍ରତିଶ୍ରୁତିରୁ ଉଦ୍‌ଭୂତ ଏହି ଆମର ମରପୃଥିବୀଟିର ଦିବ୍ୟରୂପାନ୍ତରିତ ଜ୍ୟୋତିସ୍ନାତ ଲୀଳାକୁ –

ଦିବ୍ୟଭାବନା ଆସି କରିବ ଲୀଳା
ଆସିବ ଧରାବୁକେ ମାହେନ୍ଦ୍ର ବେଳା ।
ଦେବତା ଆଉ ସ୍ୱର୍ଗେ ରହିବେ ନାହିଁ
ଆସିବେ ସରାଗରେ ମରତ ଭୂଇଁ ।

ଯୁଗପୁରୁଷ ଦିବ୍ୟଦ୍ରଷ୍ଟା ଋଷିକବି ଶ୍ରୀଅରବିନ୍ଦ କହିଛନ୍ତି ଅତିମାନସ ଜ୍ୟୋତି, ଚେତନା ଓ ଶକ୍ତିରେ ଉଦ୍‌ବୁଦ୍ଧ ଏହି ପୃଥିବୀ ସ୍ୱର୍ଗ ଅଭିମୁଖେ ଉଠିଚାଲିବ ଏବଂ ସ୍ୱର୍ଗ ମଧ୍ୟ ତା'ର ସମସ୍ତ ଶାଶ୍ୱତ ଆନନ୍ଦ, ଆଲୋକ ଓ ଐଶ୍ୱର୍ଯ୍ୟ ସହ ଓହ୍ଲାଇ ଆସିବ ଏ ପୃଥିବୀକୁ । ସେହିଦିନ ସେହି ଦିବ୍ୟମୁହୂର୍ତ୍ତରେ ସ୍ୱର୍ଗ ଓ ପୃଥିବୀର ଦିବ୍ୟ ପରିଣୟ ଅନୁଷ୍ଠିତ ହେବ । ପୃଥିବୀ ହେବ ଚିରଦିନପାଇଁ ତା'ର ନଶ୍ୱର – କାଳିମାରୁ ମୁକ୍ତ । କବି ଶ୍ରୀମାନ୍ ଶରତ ସେହି ଆଶାରେ ବିହ୍ୱଳ ହୋଇ ଗାଇଛନ୍ତି –

ଅହମିକାର ରାତି ଯିବଟି ପାହି
ବହିବ ମରତରେ ଚେତନା ନଈ
ସେ ନଈ ଧାରେଧାରେ ପ୍ରୀତିକଦମ୍ବ
ଆଣିବ ମରତରେ ସରଗ ଭାବ ।

କହିବା ବାହୁଲ୍ୟ ଯେ ପୃଥିବୀର ସେହି ଦିବ୍ୟରୂପାନ୍ତର ଫଳରେ ମଣିଷ ଭିତରୁ ସମସ୍ତ ବିଭେଦକାରୀ ଅହମିକା, ଅଜ୍ଞାନତା ଓ ଅବାଧତା ଘୁଞ୍ଚିଯିବ ଏବଂ ଏ ପୃଥିବୀର ପ୍ରତି କୋଣେକୋଣେ ଦିବ୍ୟପ୍ରେମର ନବବୃନ୍ଦାବନମାନ ପ୍ରତିଷ୍ଠିତ ହୋଇଯିବ । ପାର୍ଥିବ ପ୍ରକୃତିର କୋଳରେ ସ୍ୱର୍ଗୀୟ ପ୍ରଣୟର ଲୀଳାପାଇଁ ଆନନ୍ଦର କୁଞ୍ଜଗୁଡ଼ିକ ସୃଷ୍ଟି ହୋଇଯିବ ।

Digitized by PPRACHIN, SOA

କବି ଶରତ ସେହିକଥା ଆସ୍ଥାପୂର୍ଣ୍ଣ ପଂକ୍ତିରେ ଗାଇ ଉଠିଛନ୍ତି –

ଧରିତ୍ରୀରେ ସ୍ୱର୍ଗସୁଧା ମୃଦୁହସି ହେବ ଉପଗତ,
ଅଳକା ଆସିବ ନଇଁ ସବୁ ହେବ ସ୍ନିଗ୍ଧ ସୁରଭିତ,
ଭ୍ରାତୃତ୍ୱର ଅତୁଟ ବନ୍ଧନେ, ବିଶ୍ୱପ୍ରାଣ ହେବ ମଧୁସିକ୍ତ
ମମତା କଦମ୍ବ କଢ଼ି ଫୁଟିଯିବ, ବିଶ୍ୱମନେ ହୋଇ ପୁଲକିତ ।

କିନ୍ତୁ କବିଙ୍କର ଏହି ଆଶାବାଦ କେବଳ ଏକ ତରଳ ଭାବପ୍ରବଣତା ନୁହେଁ କିମ୍ବା ଭାବାବେଗରର ଚପଳ ଉଚ୍ଛ୍ୱାସ ମାତ୍ର ନୁହେଁ । ଏହି ଆଶାବାଦ ପଛରେ ରହିଛି ଗଭୀର ଏକ ଆତ୍ମ-ଜିଜ୍ଞାସା ବା ଜୀବନ-ଜିଜ୍ଞାସା । ଅଛି ମଧ୍ୟ ଏକ ଚୈତ୍ୟିକ ବିଶ୍ୱାସ ଓ ହୃଦୟର ଗଭୀର ପ୍ରେମଭକ୍ତି । ମଣିଷର ଜୀବନ ଏକ ଆକସ୍ମିକ ନିରୁଦ୍ଦେଶ୍ୟତା ନୁହେଁ, ଏକ ଅର୍ଥହୀନ ଜାନ୍ତବ ବା ବୌଦ୍ଧିକ କ୍ଷଣିକ ଅଭିବ୍ୟକ୍ତି ନୁହେଁ । ନୁହେଁ ମଧ୍ୟ ଏହା ମୃତ୍ୟୁପାଇଁ ଏକ ନିଃସହାୟ ଆହାର ।

କବିଙ୍କ ଭାଷାରେ –

ଜୀବନର ମାନେ ନୁହେଁ ଜନମ କି ମରଣ
ଅବା ଏ ଦୁଇଟି ମଧ୍ୟେ କ୍ଷୀଣ ଏକ ନଶ୍ୱର ତୋରଣ,
ଅମୃତ ସନ୍ତାନ ପାଇଁ ଏହା ଏକ ପୁଣ୍ୟ ଉପହାର
ଅମୃତ ସନ୍ଧାନ ପାଇଁ ଏହା ଏକ ପୂଜା ଉପଚାର ।

ମୋଟ ଉପରେ, ଏହି ସଂକଳନସ୍ଥ ଗୀତି-କବିତାଗୁଡ଼ିକ ଯେ କୌଣସି ଅଭୀପ୍ସୁ ପାଠକପାଠିକାଙ୍କର ମନ ଓ ହୃଦୟକୁ ଗଭୀରଭାବେ ସ୍ପର୍ଶ କରିବ, ଏଥିରେ ସନ୍ଦେହ ନାହିଁ । ଏ କବିତାଗୁଡ଼ିକର ଅନ୍ୟତମ ବିଶେଷତ୍ୱ ହେଲା ଆଧୁନିକ ଯୁଗର ସଂଗୀତ ବିରହିତ କବିତା ରାଜ୍ୟରେ ଶ୍ରୀମାନ୍ ଶରତ ଚନ୍ଦ୍ରଙ୍କର ଏହି ଛନ୍ଦ-ମଧୁର କବିତାଗୁଡ଼ିକ ପାଠକ ପ୍ରାଣରେ ଏକ ନୂତନ ଗୀତିମୟ ଆବେଶ ସୃଷ୍ଟି କରିବ ଏବଂ ଭକ୍ତି ବିଶ୍ୱାସର ଆକୂତିମୟ ସ୍ପନ୍ଦନ ସୃଷ୍ଟି କରିବ । ବିଶେଷତଃ, ଏଥିରେ ସଂକଳିତ ଗୁରୁବନ୍ଦନା ଓ ମାତୃବନ୍ଦନା ଗୀତିଗୁଡ଼ିକୁ ସ୍ୱର ଲୟ ଦେଇ ଗାନ କଲେ ହୃଦୟରେ ଭକ୍ତିର କଲ୍ଲୋଳ ସୃଷ୍ଟି ହେବ ।

ମୁଁ ଏହି ଆଧ୍ୟାତ୍ମିକପ୍ରାଣ କବିଙ୍କର ଶୁଭ ଭବିଷ୍ୟତ କାମନା କରୁଛି ଏବଂ ତାଙ୍କ ଲେଖନୀରୁ ଆହୁରି ବେଶୀ ଅଧ୍ୟାତ୍ମଭାବ ସମ୍ବଳିତ ଗୀତିକବିତା ଆଶା କରୁଛି ।

ଶ୍ରୀମା ଭଗବତୀ ତାଙ୍କ ହୃଦୟକୁ ସର୍ବଦା ଶୁଭଭାବରେ ପରିପୂର୍ଣ୍ଣ କରି ରଖନ୍ତୁ ।

ଇତି

ମହାପାତ୍ର ନୀଳମଣି ସାହୁ
୭୮୭ , ଆକାଶପାତାଳ
ଶହୀଦ ନଗର, ଭୁବନେଶ୍ୱର

Digitized by PPRACHIN, SOA

ପଦେ ଅଧେ

ମହାଯୋଗୀ ଶ୍ରୀଅରବିନ୍ଦଙ୍କର ମହନୀୟ ଉପସ୍ଥିତି ଆଗାମୀ ଶୁଭଦିନ ପାଇଁ ଏକ ନିର୍ଭରତାପୂର୍ଣ୍ଣ ପ୍ରତିଶ୍ରୁତି । ନୂତନ ଉଷାଲୋକର ନବରାଗିଣୀ ହେଉଛନ୍ତି ଶ୍ରୀମା । ଗୋଟିଏ ଚେତନାର ଦୁଇ ଭୌତିକ ବିଗ୍ରହ । ଅତିମାନସର ଭଗୀରଥ ମହାଯୋଗୀ ଶ୍ରୀଅରବିନ୍ଦ ଓ ସେହି ଅତିମାନସକୁ ଜଡ଼ଜଗତରେ କ୍ରିୟାଶୀଳ କରାଇଥିବା ଦିବ୍ୟଜନନୀ ଶ୍ରୀମା, ନୂତନ ଦିଗନ୍ତର ଯଥାର୍ଥ ସନ୍ଧାନ ଦେଇ ସମଗ୍ର ମାନବ ଜାତିକୁ ତାଙ୍କଠାରେ ଋଣୀ କରାଇଛନ୍ତି । ଆଶାବାଦର ମଧୁମହକରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚନାରାଜି ଅଭିଷିକ୍ତ ଓ ମହିମାମଣ୍ଡିତ । ସମସ୍ତ ଭାଷାବିଭବ ଯାହାଙ୍କର ମହତ୍ତ୍ୱର ଆକଳନ ପାଇଁ ଯଥେଷ୍ଟ ନୁହେଁ, ତାଙ୍କ ପାଇଁ ମୁଁ ବା କ'ଣ ଲେଖିବି ? ଏଥିରୁ କେତେକ ପ୍ରାର୍ଥନା ସଂଗୀତ ପଣ୍ଡିଚେରୀରୁ ପ୍ରକାଶିତ ମାସିକ ପତ୍ରିକା ନବପ୍ରକାଶରେ ପୂର୍ବରୁ ପ୍ରକାଶିତ ହୋଇଛି । ଏଇ ଅବକାଶରେ ନବପ୍ରକାଶର ପରିଚାଳନା କମିଟି ନିକଟରେ ଗଭୀର କୃତଜ୍ଞତା ଜଣାଉଛି । ଏହି ପୁସ୍ତକ ପ୍ରକାଶନ ନିମନ୍ତେ ଯେଉଁମାନେ ମୋତେ ପ୍ରେରଣା ଦେଇଛନ୍ତି ସେମାନଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି । ପୁସ୍ତକର ପାଣ୍ଡୁଲିପି ପଢ଼ି ସ୍ୱନାମଧନ୍ୟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ମହୋଦୟ ତାଙ୍କର ମୂଲ୍ୟବାନ ଅଭିମତ ପ୍ରଦାନ କରିଥିବାରୁ ମୁଁ ଏହି ଅବକାଶରେ ତାଙ୍କୁ ସଭକ୍ତି ପ୍ରଣାମ ଜଣାଉଛି । ସାହିତ୍ୟ ସମାଲୋଚକ ତଥା ସୁବକ୍ତା ବିଶ୍ୱଭାରତୀ ଶାନ୍ତିନିକେତନ, ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କର ସୁଚିନ୍ତିତ ଅଭିମତ ନିମନ୍ତେ ତାଙ୍କ ନିକଟରେ ମୁଁ କୃତଜ୍ଞ । ଏହି ପରିବର୍ଦ୍ଧିତ ସଂସ୍କରଣର ପ୍ରଣୟନ ଦିଗରେ ପ୍ରେରଣା ନିମନ୍ତେ ଶ୍ରୀଯୁକ୍ତ ସାତକଡ଼ି ହୋତା, ଶ୍ରୀମତୀ ଗୀତା ହୋତା ଓ ଡକ୍ଟର ଅର୍ଚ୍ଚନା ନାୟକଙ୍କୁ ମୋର କୃତଜ୍ଞତା ଜଣାଉଛି । ସବୁ ପରମ ପ୍ରଭୁଙ୍କ ଇଚ୍ଛା, ସେହି ପ୍ରଭୁପଣର ଜୟ ହେଉ । ପରିଶେଷରେ ଶ୍ରୀମାଶ୍ରୀଅରବିନ୍ଦଙ୍କର କରୁଣା ଭିକ୍ଷା କରି ରହୁଛି ।

ବିନୀତ

ଶରତ

Digitized by PPRACHIN, SOA

ସୂଚୀପତ୍ର

	କବିତାର ନାମ	ପୃଷ୍ଠା
୧.	ମା'ଙ୍କ ନାମ	୧୩
୨.	ଦୀପଶିଖା	୧୫
୩.	ମାତୃମହିମା	୧୭
୪.	ଫୁଲସୁବାସ	୧୯
୫.	ପ୍ରଣାମ ଚରଣେ	୨୦
୬.	ସରଗର ସୁଧା	୨୧
୭.	ହେ ମହାମହିମ !	୨୨
୮.	ମାଆଗୋ କରୁଣାମୟି !	୨୩
୯.	ହେମକମଳ	୨୫
୧୦.	ଯଶଗୀତିକା	୨୬
୯.	ବିଶ୍ୱରୂପିଣୀ	୨୭
୧୦.	ଏତିକି ଆଶା	୨୮
୧୧.	କିଶଳୟ	୨୯
୧୨.	ତୁମ ଜନ୍ମବାସରେ	୩୦
୧୩.	ନଦୀର ଘାଟ	୩୧
୧୪.	ଦିବ୍ୟଭାବନା	୩୨
୧୫.	ମଧୁମଳୟ	୩୩
୧୬.	ରାଜରାଜେଶ୍ୱରୀ	୩୪
୧୭.	ମାଗେ ଶରଣ	୩୫
୧୮.	ଶତପ୍ରଣାମ	୩୬
୧୯.	ନବପ୍ରଭାତ	୩୭
୨୦.	ନିବେଦନ	୩୮
୨୧.	ଦେବମୁହୂର୍ତ୍ତ	୩୯
୨୨.	ଏତିକି ଭିକ୍ଷା	୪୦
୨୩.	ମାତୃକରୁଣା	୪୨

Digitized by PPRACHIN, SOA

୨୪.	ଜଗତ ଜନନୀ	୪୪
୨୫.	ଲଳିତ ଛନ୍ଦ	୪୫
୨୬.	ଦିବ୍ୟ ଚେତନା	୪୬
୨୭.	ସୁନୀଳ ସିନ୍ଧୁ	୪୭
୨୮.	ସ୍ୱର୍ଗ ଆସିବ ନଇଁ	୪୮
୨୯.	କୃପାମୟ	୫୦
୩୦.	ତ୍ରିବେଣୀ ତୀର୍ଥ	୫୧
୩୧.	ନବ ସୌରଭ	୫୨
୩୨.	ସର୍ବନାମ	୫୩
୩୪.	ଆଶାକୁସୁମ	୫୪
୩୫.	ସବୁ ତୁମ ଦାନ	୫୫
୩୬.	ମଧୁମହକ	୫୬
୩୭.	ନବଦିଗନ୍ତ	୫୭
୩୮.	ପ୍ରଭାତ କାକଳି	୫୮
୩୯.	ସୁବର୍ଣ୍ଣ ସୂର୍ଯ୍ୟ	୫୯
୪୦.	ଜୀବନ ଚିନ୍ତା	୬୦
୪୧.	ପ୍ରତିଧ୍ୱନି	୬୧
୪୨.	ନବଜୋଛନା	୬୨
୪୩.	ନନ୍ଦନଫୁଲ	୬୩
୪୪.	ସମାଧି ଦର୍ଶନ	୬୪
୪୫.	ଚନ୍ଦନବାସ	୬୫
୪୬.	ନବଚେତନା	୬୬
୪୭.	ଝରାଲୋତକ	୬୮
୪୮.	ସୁନ୍ଦର ହେବ ଧରା	୬୯
୪୯.	ନୂଆଦିନ ଆସିବ	୭୧
୫୦.	ପ୍ରାର୍ଥନା	୭୩
୫୧.	ମାଆ	୭୪
୫୨.	ଦଶଭୁଜା	୭୫
୫୩.	ମାଗୁଣି	୭୬

Digitized by PPRACHIN, SOA

ମା'ଙ୍କ ନାମ

ମାଆ ମାଆ ଡାକ   ଡାକରେ ମାନସ
ମାଆ ମାଆ ବୋଲି ଡାକ
ମାଆ ନାମ ଦେବ   ସରଗ ସମ୍ପଦ
ଏତିକି ଭରସା ରଖ ।୧।

ମଳିନତା ଯେତେ   ଅଛି ଏ ଜୀବନେ
ତୋର ଦେହ, ପ୍ରାଣ, ମନେ
ସବୁ ମଳିନତା   ଧୋଇ ହୋଇଯିବ
ମାଆ ନାମ ଉଚ୍ଚାରଣେ ।୨।

ମାଆ ନାମ ବନ୍ଧୁ   ମାଆ ନାମ ସଖା
କର ତାକୁ ଗଣ୍ଠିଧନ
ସୁଖେଦୁଃଖେ ସେହି   ନାମ ହେବ ସାହା
ଅବିରତ ନିଶିଦିନ ।୩।

ମାଆ ନାମେ ଅଛି   ପ୍ରଶାନ୍ତି ପ୍ରଲେପ
ଅଛିରେ ଅମୃତ ଧାରା
ସେ ଧାରା ପରଶେ   ଜୀବନର ଲକ୍ଷ୍ୟ
ପୂରଣ ହୋଇବ ପରା ।୪।

Digitized by PPRACHIN, SOA

ଦୁଃଖକର ନାହିଁ ଧ୍ୟାନ ଆସୁନାହିଁ
ଆସୁନାହିଁ ପୂଜା ବିଧି
ଯଜ୍ଞ ଲୋଡ଼ାନାହିଁ ଦାନ ଲୋଡ଼ାନାହିଁ
ମା' ନାମ ଲାବଣ୍ୟନିଧି ।୫।

ସେ ନାମ ମହିମା ନାହିଁ ତା'ର ସୀମା
କଥାରେ କହିବ କିଏ
ସେ ମହିମାବଳେ ପଙ୍ଗୁ ଲଂଘେ ଗିରି
ମୂକଟି ବାଚାଳ ହୁଏ ।୬।

ହସରେ ଲୁହରେ ଆଶା ନିରାଶାରେ
ମାଆ ନାମ ହେଲେ ସାଥୀ
ଜୀବନ ଆକାଶେ ସୂରୁଜ ଉଇଁବ
ପାହିଯିବ ଅମାରାତି ।୭।

ଫୁଟିବ କମଳ କଳି ଚେତନାର
ବିତରିବ ମଧୁବାସ
ଲୋଟିବ ପରାଣ ଆନନ୍ଦେ ଉଲ୍ଲସି
ଲଭି ସେ ଦିବ୍ୟ ସୁବାସ ।୮।

•••

Digitized by PPRACHIN, SOA

ଦୀପଶିଖା

ଦୀପଟିଏ କର ମାଆ ମୁଁ ତୁମର
ପାଦତଳେ ଜଳୁଥିବି
ଧୂପଟିଏ ହୋଇ ତୁମ ପୂଜାବେଳେ
ଜଳିଜଳି ଝରିଯିବି । ୧ ।

ମନକଥା ସବୁ କହିବି ତୁମକୁ
ଗାଉଥିବି ତୁମ ନାମ
ଚଲାପଥେ ମୋର ସାହା ହେବ ମାଆ
ଦିବାନିଶି ଅବିରାମ । ୨ ।

ଅନ୍ତରରୁ ମତେ ଚଲାଇ ନିଅ ମା'
ହୃଦୟରେ ପ୍ରେମ ଭରି
କରୁଣା କଣିକା ଊଣା କରିବନି
ସତ୍ୟମୟୀ ମହେଶ୍ୱରୀ । ୩ ।

ତୁମରି ଆଶିଷ ହେବ ମୋ ପାଥେୟ
ଏ ଜଗତ ଚଲାପଥେ
ସାରଥୀ ହେବ ମାଆ ଆରତି ଶୁଣି ମୋ
ଜୀବନ ଜଞ୍ଜାଳ ରଥେ । ୪ ।

Digitized by PPRACHIN, SOA

ତୁମ ଦୟାଥିଲେ ଦୁଃଖ କି କରିବ
ଅବସାଦ ଯିବ ଘୁଞ୍ଚି
ରଣଭୂମି ହେବ ବିଜୟ ଅଗଣା
ପରାଣ ଉଠିବ ନାଚି । ୫ ।

ମୋ ମନରେ ରହୁ ଅଶେଷ ଆନନ୍ଦ
ତୁମ ନିରାଜନା ପାଇଁ
ପାଖୁଡ଼ା ପାଖୁଡ଼ା ମେଲି ଫୁଟିଯାଉ
ଚେତନାର ନୀଳକଇଁ । ୬ ।

ଚୈତ୍ୟସତ୍ତା ମୋର ପ୍ରଦୀପ୍ତକର ମା'
ତୁମ ଶୁଭାଶିଷ ଦେଇ
ଏତିକି ମାଗୁଣି ସେବାଦାସ କର
ତୁମ ଚରଣରେ ନେଇ । ୭ ।

ପୂରଣ ହୋଇବ ଅଭିଳାଷ ତେବେ
ଫୁଟିବ ନନ୍ଦନ ଫୁଲ
ତୁମରି କରୁଣା ଆଣିଦେବ ମାଆ
ଜୀବନର ଯଥା ମୂଲ । ୮ ।

●●●

Digitized by PPRACHIN, SOA

ମାତୃମହିମା

ଭାସେ ଯେବେ ଦୁଃଖ ଘନମେଘମାଳା
ଜୀବନ-ଗଗନ-ଦେଶେ
ଆସେ ନିରାଶାର ଅମା ଅନ୍ଧକାର
ବିକଟ କରାଳ ବେଶେ । ୧ ।

ବାତଚକ୍ର ପ୍ରାୟ ମନ ଭ୍ରମୁ ଥାଏ
ଭାଷାରେ ଅକୁହା ତାହା
ସେତେବେଳେ ଆଉ ସାହା କେହି ନାହିଁ
ସାହା ଏକା ତୁମେ ମାଆ । ୨ ।

ଲାଗେ ସେତେବେଳେ ପାଶେ ପାଶେ ରହି
ନିଅ ତୁମେ ହାତ ଧରି
ତୁମେ ଥାଅ ବୋଲି ଘନ ଅନ୍ଧକାର
ଯାଉଥାଏ ଅପସରି । ୩ ।

ଅସଜଡ଼ା ଯେତେ ଥାଏ ଚଲାପଥେ
ସବୁ ତ ସଜାଡ଼ି ହୁଏ
ତନୁରେ ଶକତି ମନରେ ସାହସ
କାହୁଁ ଆସି ଭରିଯାଏ । ୪ ।

Digitized by PPRACHIN, SOA

ପାଦ ଚାଲିଥାଏ ଆଗକୁ ଆଗକୁ
ନ ମାନି ପାଣି ପଥର
ତୁମ କରୁଣାରୁ ସେ ପଥର ହୁଏ
କଅଁଳ ଘାସ ପତର । ୫ ।

ତୁମ ନାମ ଜପି ଚାଲିଲେ ଆଗକୁ
ଦିଶଇ ଆଲୋକ ରେଖା
ରଙ୍କନିଧି ପରି ଲାଗେ ସେ ଆଲୋକ
ଭରସାରେ ମଧୁମଖା । ୬ ।

ମଥା ନଇଁ ଯାଏ ଆପେ ଆପେ ମାଆ
ତୁମରି ଚରଣ ତଳେ
ସେଇ ଚରଣର ତୁଳନା ନାହିଁତ
ଏ ଧୂଳି ଧରଣୀ କୋଳେ । ୭ ।

●●●

Digitized by PPRACHIN, SOA

ଫୁଲ ସୁବାସ

ତୁମେ ସଲିଳରେ ରସ ଧାରା
ସୂରୁଜେ ଆଲୋକ ଜହ୍ନରେ ଜୋଛନା
ଫୁଲରେ ସୁବାସ ପରା । ୧ ।

ଶ୍ରାବଣୀ ଧାରାରେ ଝରଝର ତାନ
ଫଗୁଣ କୁଞ୍ଜରେ ପିକ କୁହୁ ଗାନ
ପ୍ରତି ସକାଳର ଆଲୋକରେ
ତୁମେ ଆଶାର ମାଣିକ ଝରା । ୨ ।

ଆକାଶ ଦେଶରେ ରୁଚିର ନୀଳିମା
ଗହନ ବନରେ ସବୁଜ ସୁଷମା
ଜୀବନେ ଜୀବନେ ଆନନ୍ଦ ସାଗର
ଶୋଭନ ଲହରୀ ମାଳା । ୩ ।

●●●

Digitized by PPRACHIN, SOA

ପାଦ ଚାଲିଥାଏ ଆଗକୁ ଆଗକୁ
ନ ମାନି ପାଣି ପଥର
ତୁମ କରୁଣାରୁ ସେ ପଥର ହୁଏ
କଅଁଳ ଘାସ ପତର । ୫ ।

ତୁମ ନାମ ଜପି ଚାଲିଲେ ଆଗକୁ
ଦିଶଇ ଆଲୋକ ରେଖା
ରଙ୍କନିଧି ପରି ଲାଗେ ସେ ଆଲୋକ
ଭରସାରେ ମଧୁମଖା । ୬ ।

ମଥା ନଇଁ ଯାଏ ଆପେ ଆପେ ମାଆ
ତୁମରି ଚରଣ ତଳେ
ସେଇ ଚରଣର ତୁଳନା ନାହିଁତ
ଏ ଧୂଳି ଧରଣୀ କୋଳେ । ୭ ।

●●●

Digitized by PPRACHIN, SOA

ଫୁଲ ସୁବାସ

ତୁମେ ସଲିଳରେ ରସ ଧାରା
ସୂରୁଜେ ଆଲୋକ ଜହ୍ନରେ ଜୋଛନା
ଫୁଲରେ ସୁବାସ ପରା । ୧ ।

ଶ୍ରାବଣୀ ଧାରାରେ ଝରଝର ତାନ
ଫଗୁଣ କୁଞ୍ଜରେ ପିକ କୁହୁ ଗାନ
ପ୍ରତି ସକାଳର ଆଲୋକରେ
ତୁମେ ଆଶାର ମାଣିକ ଝରା । ୨ ।

ଆକାଶ ଦେଶରେ ରୁଚିର ନୀଳିମା
ଗହନ ବନରେ ସବୁଜ ସୁଷମା
ଜୀବନେ ଜୀବନେ ଆନନ୍ଦ ସାଗର
ଶୋଭନ ଲହରୀ ମାଳା । ୩ ।

●●●

Digitized by PPRACHIN, SOA

ପ୍ରଣାମ ଚରଣେ

ତୁମେ କେତେ ମତେ ଦେଇଛ ହେ ମାଆ
 ମୁଁ କିଛି ପାରିନି ଦେଇ
କିଛି ଦେବି ବୋଲି ଭାବିଲା ବେଳକୁ
 ମନ କରେ ନାହିଁ ନାହିଁ । ୦ ।
ମୋ ଜୀବନ ମରୁ ବାଲୁକା ଶେଯରେ
 ତୁମେ ଫୁଟାଇଛ ଫୁଲ
ଜାଳି ଦେଇଅଛ ନିରାଶା ଅନ୍ଧାରେ
 ଆଶାଦୀପ ଝଲମଲ ।
ଭାବିଲେ ସେ କଥା ତୁମ ପାଦେ ମଥା
 ଆପେ ମୋ ଯାଉଛି ନଇଁ । ୧ ।
ହାତ ଧରି ମୋର ପାରିକରି ଅଛ
 କେତେ ନଦୀ, ଗିରି, ବନ
ଝଡ଼ ବେଳେ ମତେ ଘୋଡ଼ାଇ ରଖିଛ
 ସତେ କି ଆଦର ଧନ ।
ଝୁଣ୍ଟି ପଡ଼ିଲେ ମୁଁ ଆଉଁସି ଦେଇଛ
 କେତେ ଆଶ୍ୱାସନା ଦେଇ । ୨ ।
ଝରିଲେ ଆଖିରୁ ଲୁହ ଧାର ଧାର
 ତୁମେ ତ ଦେଇଛ ପୋଛି
କେତେ ଦୋଷ ମୋର ଚଳାଇ ନେଇଛ
 ରୋଷ କରିନାହିଁ କିଛି ।
ପାଖେପାଖେ ରହି ସାହା ହୋଇଅଛ
 ଅତି ଆପଣାର ହୋଇ । ୩ ।

●●●

Digitized by PPRACHIN, SOA

ସରଗର ସୁଧା

ନୀରବ ନିଶୀଥେ ସପନରେ ସତେ
　　ଆସିବ କି ପ୍ରଭୁ ଆସିବ କି ?
ତୁମ ଦରଶନେ　　　　ସେ ମଧୁ ଲଗନେ
　　ମୋର ଚିତ୍ତ ପ୍ରେମରେ ଭାସିବ କି ? ।୧ ।

ତୁମର ସେ ଧୀର ମଧୁର ଚାହାଣି
　　ମିଠାମିଠା ହସ ସୁଲଳିତ ଠାଣି
ଦରଶନେ ମୋର　　ମରୁ ଜୀବନରେ
　　ଆଶାଫୁଲ ଫୁଟି ବାସିବ କି ? । ୨ ।

ତୁମ ରୂପ ଶୋଭାଦେଖି ମୋର ଆଖି
　　ଲୁହେ ଭିଜିଭିଜି ରହିଯିବ ଲାଖି
ସରଗର ସୁଧା　　　　ଅବତରି ଆସି
　　ସତେ ମୋ ହାତରେ ଖସିବକି ?　। ୩ ।

ରାଜ ସିଂହାସନେ ବସିଥିବ ତୁମେ
　　ପାଦତଳେ ତୁମ ବସିଥିବି ପ୍ରେମେ
ବରଷାର ଧାର　　　　ହୋଇ ତୁମେ ପରା
　　ମୋ ଚିତ୍ତ ଚାତକ ତୋଷିବ କି ? । ୪ ।

●●●

Digitized by PPRACHIN, SOA

ହେ ମହାମହିମ

କୋଟିଏ ପ୍ରଣାମ   ନଅଣ୍ଟ ହୋଇବ
  ପ୍ରଭୁ ତୁମ ପାଦ ତଳେ
ଭାବେ ଯେବେ ବସି   ତୁମରି କରୁଣା
  ନୟନୁ ଲୋତକ ଝରେ । ୧ ।

ମରୁଭୂମି ଥିଲା   ଏ ମୋର ଜୀବନ
  ସାଜି ଦେଲ ତାକୁ ଫୁଲେ
ଭାବିଲେ ସେକଥା   ନଇଁ ଆସେ ମଥା
  ଆପେ ତୁମ ପାଦ ତଳେ
ହେ ମହାମହିମ ଅନନ୍ତ ଅସୀମ ବିରାଜିତ ଚରାଚରେ । ୨ ।

ଅବନ୍ଧୁ ଜୀବନେ   ବନ୍ଧୁ ହେଲ ମୋର
  ହେଲ ଗୁରୁ ହେଲ ସଖା
ପାଖେପାଖେ ରହି   କେତେ ବିପଦରୁ
  ମତେ ତ କରିଛ ରକ୍ଷା ।
ବଣା ନାବିକର ବତୀଘର ତୁମେ ସଂସାର ସାଗର କୂଳେ । ୩ ।

ଜନମେ ଜନମେ   ତୁମ ଚରଣରେ
  ବନ୍ଧା ଥାଉ ମୋର ମନ
ମୋ ରସନା ଗାଉ   ଦିବସ ରଜନୀ
  ତୁମରି କୀରତି ଗାନ
ରୂପାନ୍ତର ପଥେ ହାତଧରି ମତେ ନିଅ ପ୍ରଭୁ ନିରନ୍ତରେ । ୪ ।

•••

Digitized by PPRACHIN, SOA

ମାଆ ଗୋ କରୁଣାମୟି !

ଆସ ମହେଶ୍ୱରୀ ରାଜରାଜେଶ୍ୱରୀ
ଆଉ ରହ ନାହିଁ ଦୂରରେ ବସି
ତୁମରି ସଂସାର ତୁମ ଖେଳଘର
ଡାକୁଛି ତୁମକୁ ଅଳପହସି । ୧ ।

ତୁମରି ଚରଣ ପରଶେ ଫୁଟିବ
ନୂଆ ଚେତନାର କମଳ କଢ଼ି
ଆଶା ଭରସାର ଭାଷା ବିକସିବ
ଜଡ଼ପ୍ରାଣେ ମଧୁମମତା ବାଢ଼ି । ୨ ।

ମହାକାଳୀ ମାଆ ଆସ ଅବତରି
ନାଶିବାକୁ ପାପତାପର ଭାର
କ୍ରୂର ଅଟ୍ଟହାସେ ବିଜୟନୀ ବେଶେ
ଆଳସ୍ୟ, ଅନୀତି କର ହେ ଦୂର । ୩ ।

ଆଲୋକିତ ହେଉ ଜୀବନର ପଥ
ସୁରଭିତ ହେଉ ସାରା ମୂଲକ
ଅସୁର ବିଚାର ହେଉସବୁ ଦୂର
ମରୁଜୀବନରେ ଭରୁ ପୁଲକ । ୪ ।
ମହାଲକ୍ଷ୍ମୀ ମାଆ ହୁଅ ତୁମେ ସାହା
ଏ ବିଶ୍ୱ ଜୀବନ ବିକାଶ ପାଇଁ

Digitized by PPRACHIN, SOA

ତୁମରି ପରଶେ ହସିଉଠୁ ଧରା
ଆସୁ ଚେତନାର ସୂରୁଯ ଉଇଁ । ୫ ।

ହତାଶା ମଳିନ ଜୀବନ କାନନେ
ତୁମରି ଇଙ୍ଗିତେ ମଳୟ ଆସୁ
ନବ କିଶଳୟ ମୁକୁଳ ବିଳାସେ
ମାନବିକତାର ମଧୁ ବରଷୁ । ୬ ।

ମହାସରସ୍ୱତୀ ଏତିକି ପ୍ରଣତି
ଦିଅ ମା' ସରବେ ଶୁଭ ଆଶିଷ
ସବୁ ଦୋଷତ୍ରୁଟି ସଜାଡ଼ି ଦିଅ ମା'
ଢାଳି କରୁଣାର ଧାରା ପୀୟୁଷ । ୭ ।

ସରଗସୁବାସ ଆସି ଅବତରି
ଭରିଯାଉ ବିଶ୍ୱଜୀବନ କୁଞ୍ଜେ
ନ କରି ବିଳମ୍ବ ଦିଅ ଅବଲମ୍ବ
ଆଜି ଧରା ତୁମ କରୁଣା ଖୋଜେ । ୮ ।

ମାତୃ ମମତାର ବିଜୟ ବାଜଣା
ବାଜିଉଠୁ ପୁରେ ମଙ୍ଗଳସୁରେ
ମାନବିକତାର ଜୟଜୟ ଗାନେ
ଭରିଯାଉ ଦିଗଦିଗନ୍ତେ ବାରେ । ୯ ।

●●●

Digitized by PPRACHIN, SOA

ହେମକମଳ

ତୁମେ ଶରତଜହ୍ନ ବିମଳ ଶୋଭା
ତୁମେ ବସନ୍ତଫୁଲକଳିକା ଶୋଭା
ଦିଗଦଗନ୍ତେ ତୁମେ ପ୍ରୀତି ପୀୟୁଷ
ଭାଷାରେ କେ କହିବ ତୁମରି ଯଶ । ୧ ।

ନୀଳ ସାଗରେ ତୁମେ ଲହରୀ ମାଳା
ଶ୍ୟାମ କେଦାର କୋଳେ ସୁଷମା ଲୀଳା
ବରଷା ଭିଜା ମାଟି ମଧୁମହକ
ମେଘ କୋଳରେ ତୁମେ ବିଜୁ ଝଲକ । ୨ ।

ବିଶ୍ୱ ସରସୀ କୋଳେ ହେମ କମଳ
ବିଶ୍ୱ ଗଗନ ତଟେ ତାରା ଉଜ୍ୱଳ
ସୁଖଦୁଃଖର ସାଥି ପରାଣ ସଖା
ଜୀବନ ପରପାରେ ଆଲୋକ ରେଖା । ୩ ।

ଜୀବନେ ସଞ୍ଜ ଯେବେ ନଇଁବ ଆସି
ତୁମେ ହୋଇବ ପ୍ରଭୁ ପୂର୍ଣ୍ଣିମା ଶଶି
ବିମଳ ସୁଧାଭରା ଚାରୁ କିରଣ
ଜାଳିବ ସେତେବେଳେ ରହିଲା ରାଣ । ୪ ।

●●●

Digitized by PPRACHIN, SOA

ଯଶଗୀତିକା

ନୂଆ ଛନ୍ଦେ ଗାଇବାରେ
　　　　　　　　ମାଆ ଯଶ ଗୀତିକା
ସୁଷମାରେ ଭରିଯିବ
　　　　　　　　ମନ ବନ ବୀଥିକା ।୦ ।

ଅବସାଦ ଯିବ ଚାଲି　　　　ଆନନ୍ଦର ଚଇତାଳି
　　　ପରଶେ ଉଠିବ ହସି
　　　　　　　　ପରାଣର ଲତିକା । ୧ ।

ସରଗ ଶରଧାରାଶି　　　　ନିଜେ ଅବତରି ଆସି
　　　ସରାଗରେ ଛୁଇଁଯିବ
　　　　　　　　ମରତର ମୃତ୍ତିକା । ୨ ।

ମାଆର ଅସୀମ ଦୟା　　　　କହି କେ ପାରିବ ତାହା
　　　ସିଏ ସୁର ସିଏ ତାଳ
　　　　　　　　ସିଏ ନିଜେ ଗୀତିକା । ୩ ।

ସିଏ ଜଗତ ଜନନୀ　　　　ଅଭୟ ବରଦାୟିନୀ
　　　ତା' ଚରଣେ ଭେଟିଦେବା
　　　　　　　　ଭକତିର ଯୂଥିକା । ୪ ।

●●●

Digitized by PPRACHIN, SOA

ବିଶ୍ୱ ରୂପିଣୀ

ମାଆଗୋ କରୁଣାମୟୀ   ଦୟାମୟୀ କ୍ଷମାମୟୀ
ମମତାର ଅବତାର ବିଶ୍ୱଜନନୀ
ଆଦିଶକ୍ତି ସନାତନୀ   ଆନନ୍ଦମୟୀ ଭବାନୀ
ଆଶିଷ ଦାୟିନୀ ଦେବୀ ଚାରୁହାସିନୀ
ମଧୁମୟୀ ଦିବ୍ୟ ଜନନୀ
ଅତିମାନସ ରୂପିଣୀ ଶୁଭଦାୟିନୀ । ୧ ।

ଆଦିମାତା ମହାମାୟା   ଏ ବିଶ୍ୱ ତୁମର କାୟା
ଆକାଶ ତୁମ କବରୀ, ତାରକା ଫୁଲ
ମଥାରମଣି ସବିତା   ଚନ୍ଦ୍ରମା ଚନ୍ଦନଟୋପା
ପଣତ ତୁମ ସୁନ୍ଦର ବନ ଶ୍ୟାମଳ
ନିଃଶ୍ୱାସ ତ ଧୀର ପବନ
ଫୁଲ କୁଞ୍ଜେକୁଞ୍ଜେ ତୁମ ହସ ଶୋଭନ । ୨ ।

ଚରଣ ନଖର କାନ୍ତି   ଘାସଫୁଲେ ଝଟକନ୍ତି
ନଦୀର ପ୍ରବାହ ସେ ତ ଆଶିଷ ଧାରା
ନୀଳସାଗର ଲହରୀ   ଅଶେଷ ମମତା ଭରି
ଗାଏ ମହିମା ସଂଗୀତ ପୀୟୂଷ ଭରା
ବନ ଶୋଭା ବନ୍ଦନା ଗାଏ
ଅଳି ତା'ର ଗୁଞ୍ଜରଣେ ଶଙ୍ଖ ବଜାଏ । ୩ ।

●●●

Digitized by PPRACHIN, SOA

ଏତିକି ଆଶା

ମାଆ, ନିଅ ତୁମେ ଚଲାପଥେ
ପଡ଼ିଯିବି ମୋର ପାଦ ଥରଥର
ଧରି ନିଅ ତୁମ ହାତେ । ୦ ।

ସେଇ ଚଲାପଥ ଧାରେ ଫୁଟିଥିବ
ସାତରଂଗେ କେତେ ଫୁଲ
ବହୁଥିବ ଧୀର ମଳୟ ମଧୁର
ସୁବାସିତ ପରିମଳ
କୋଇଲିର ଗାନେ ବାଜୁଥିବ କାନେ
ତୁମ ଯଶ ଅବିରତେ । ୧ ।

ଚେତନା ଜୁଆରେ ଭରିଯାଉଥିବ
ଜୀବନ ବିଜନ ବେଳା
ମନ କହୁଥିବ ସବୁ ମୁଁ ପାଇଛି
ଯାହା ପାଇବାର ଥିଲା
ପରାଣ ତରୁରେ ଆଶା କିଶଳୟ
ଝୁଲି ଯାଉଥିବ କେତେ । ୨ ।

●●●

Digitized by PPRACHIN, SOA

କିଶଳୟ

ତୁମେ ସଜ ସକାଳର ଶାନ୍ତି
କୁସୁମିତ ଲତା ସୁବାସେ ପଖଳା
ମନ ଲାଖି-ବନ-ବୀଥି । ୦ ।

ଆଷାଢ଼ କଦମ୍ବ କେସରରେ ତୁମେ
ଆଶାର ମୋହନ ବଂଶୀ
ଧାରା ଶ୍ରାବଣର ଝରଝର ତାନେ
ତୁମ ଗୀତ ଆସେ ଭାସି
ଶରତ ସଞ୍ଜର ଗଙ୍ଗଶିଉଳିରୁ ଝରେ ତୁମ ହସ ମୋତି । ୧ ।

ଜୋଛନା ରାତିର ତାରୁ ଚାହାଣିରେ
ଲେଖା ତୁମ ଯଶରାଶି
ନବକଳିକାର ମୋହନ ବିକାସେ
ତୁମ ପ୍ରେମ ଥାଏ ମିଶି
ଭାଷା ନାହିଁ ମୋର ଗାଇବାକୁ ପ୍ରଭୁ ତୁମରି ମହିମା ଗୀତି । ୨ ।

ମନର କଳୁଷଧୋଇ ନେବା ପାଇଁ
ଏକା ସାହା ତୁମ ନାମ
ଘନ ହତାଶାର ଉଆଁସ ତିମିରେ
ତୁମେ ତ ଆଲୋକ ଧାମ ।
ତୁମେ ତ କରତା, ତୁମେ ତ କରଣି, ତୁମେ ସକଳ କୀରତି । ୩ ।

●●●

Digitized by PPRACHIN, SOA

ତୁମ ଜନ୍ମବାସରେ

ମାଆ ତୁମ ଜନ୍ମବାସରେ
କି ଦେବି ମାଆ ଗୋ   କିବା ଅଛି ମୋର
ଏଇ ଶୁଭ ଅବକାଶରେ । ୦ ।

ଦୀପହୋଇ ମୁହିଁ   ଜଳିଶିଖି ନାହିଁ
ମାଆ ତୁମ ପାଦତଳେ
ଧୂପ ହୋଇ କାହିଁ   ଝରିଯିବା ପାଇଁ
ମନ ମୋ ବଳିନି ତିଳେ ।
ମନରେ ଆସୁନି ମାଆ ତୁମ ରୂପ,
କରି ହେଉନାହିଁ ତୁମ ନାମଜପ
ଯାହା ଅଛି ମୋର   ଇଚ୍ଛା ହେଉନାହିଁ
ଦେବା ପାଇଁ ତୁମ ପାଶରେ । ୧ ।

ସଜଫୁଲ ନାହିଁ   ସଜାଇ ଦେବାକୁ
ମାଆ ତୁମ ଦୁଇପାଦ
ଆଖି ଲୁହନାହିଁ   ଧୋଇ ଦେବାପାଇଁ
ମନକୁ କଳୁଷ ମନ୍ଦ ।
ନାହିଁ ମୋର ଭାଷା,   ନାହିଁ ମୋର ସୁର
ଗାଇବାକୁ ମାଆ ମହିମା ତୁମର
ବନ୍ଧା ମୁଁ ପଡ଼ିଛି   ଜଗତ ଜଞ୍ଜାଳେ
ମାୟା, ମୋହ ଘୋର ତ୍ରାସରେ । ୨ ।

Digitized by PPRACHIN, SOA

ଏତିକି ମାଗୁଣି ମାଗୁଛି ଆଜି ମୁଁ
ଚରଣ ତଳରେ ବସି
ଦୀନଦୁଃଖୀ ବୋଲି ଆଡ଼େଇ ଦେବନି
ଯାଉଛି ଦୁଃଖରେ ଭାସି ।
ଦୋଷ ମୋର ସବୁ କରିବ ମାଆ କ୍ଷମା,
କ୍ଷମାମୟୀ ନାହିଁ ତୁମରି ତୁଳନା
କରୁଣାକଣିକା ଊଣା କରିବନି
ଏଇ ଅଳି ମୋର ଶେଷରେ । ୩ ।

●●●

ନଦୀର ଘାଟ

ବନ୍ଧୁ ବୁଲିବୁଲି ବାଟ ଭୁଲିଭୁଲି
ଶେଷରେ ପାଇଛି ବାଟ
ତୁମ ପାଦେ ମାଆ ମୋ ଜୀବନ ତରୀ
ଶେଷରେ ପାଇଛି ଘାଟ ।୦ ।

ସେ ପାଦର ନାହିଁ ମରତେ କଳନା
କମଳକୁସୁମ ନୋହିବ ତୁଳନା
ଆଶାଭରସାର ଆଲୋକମିନାର, ମରତର ବଇକୁଣ୍ଠ । ୧ ।

ମୋର ବୋଲି ମାଆ ଯାହା କିଛି ଅଛି
ସେ ସବୁ ତୁମର, ଏବେ ମୁଁ ବୁଝୁଛି
ଗଗନେପବନେ ଦିଗଦିଗନ୍ତରେ ତୁମର ଲୀଳା ପ୍ରକଟ । ୨ ।

●●●

Digitized by PPRACHIN, SOA

ଦିବ୍ୟ ଭାବନା

ଜୀବନ ବୃନ୍ଦାବନେ ମୋହନ ବଂଶୀ
ବଜାଇ ଦେବ ଦିବ୍ୟ ଜୀବନ ହସି ।
ଫୁଟିବ ତହିଁ କେତେ ବସନ୍ତଫୁଲ
କିଏ ବା ଦେବ ଆହା ସେ ଫୁଲ ମୂଲ । ୧ ।

ସେ ଫୁଲ ଶୋଭା ତିନିଭୁବନଭୁଲା
ସରି ନୋହିବେ ତା'ରେ ନନ୍ଦନଝରା
ବାସରେ ବଶ ହେବେ ସୁରକାମିନୀ
ଭୁଲି ବସିବେ ତାଙ୍କ ସ୍ୱର୍ଗ ସରଣୀ । ୨ ।

ଦିବ୍ୟଭାବନା ଆସି କରିବ ଲୀଳା
ଆସିବ ଧରାବୁକେ ମାହେନ୍ଦ୍ରବେଳା
ଦେବତା ଆଉ ସ୍ୱର୍ଗେ ରହିବେ ନାହିଁ
ଆସିବେ ସରାଗରେ ମରତ ଭୂଇଁ । ୩ ।

ଅହମିକାର ରାତି ଯିବଟି ପାହି
ବହିବ ମରତରେ ଚେତନା ନଈ
ସେ ନଈ ଧାରେଧାରେ ପ୍ରୀତି କଦମ୍ବ
ଆଣିବ ମରତରେ ସରଗଭାବ । ୪ ।

ହୋଇବ ଧରା ମଧୁ ସୋହାଗ ତୀର୍ଥ
ଭରିଯିବ ଜୀବନେ ଅନେକ ଅର୍ଥ
ସୁନ୍ଦର ହେବ ଦେହ, ଶୀତଳ ପ୍ରାଣ
ଲଳିତ ମନରାଜ୍ୟ କି ଶୋଭାବନ । ୫ ।

ଛଳନା କରପତ୍ର ଯୋଡ଼ି ପଳାଇ
ରହିବ ବହୁଦୂରେ କଳନା ନାହିଁ
ଅନ୍ଧାର ନାଶି ନବଚେତନା ଆସି
ଆଗାମୀ ଦିନେ ଯିବ ମଧୁବରଷି । ୬ ।

●●●

Digitized by PPRACHIN, SOA

ମଧୁମଳୟ

ମଳୟ ପବନ ପରଶେ
ହସି ଉଠିବ ମହୀ
ସବୁ ଫୁଟାଫୁଲ ହସିବ
ମଧୁ ବରଷି ଦେଇ । ୧ ।
ଶୁଭ ଆଗମନୀ ଗୀତିକା
ବସି ପଞ୍ଚମ ତାନେ
କୋଇଲି ଗାଇବ ହରଷେ
ବନଲତା ବିତାନେ । ୨ ।
ବିଶ୍ୱ ପ୍ରାଣେ ପ୍ରାଣ ମିଶିବ
ବିଶ୍ୱମନରେ ମନ
ବିଶ୍ୱ ଜୀବନରେ ଆସିବ
ସେଇ ଶୁଭଲଗନ । ୩ ।
ହତାଶାର ମେଘ ଫାଟିବ
ଚାନ୍ଦ ଉଠିବ ହସି
ମଣିଷ ମନରୁ ତୁଟିବ
ସ୍ୱାର୍ଥ କଲୁଷ ରାଶି । ୪ ।
ଚେତନାର ହେବ ବିକାଶ
ଧରା ହେବ ସରଗ
ଜନ ଜୀବନରେ ଭରିବ
ସରଗର ବିଭବ । ୫ ।
ମନ ରହୁ ଗୁରୁଚରଣେ
ଆଜି ଏଇ କାମନା
ପୂଜାଫୁଲ ହେଉ ଜୀବନ
ପୂରୁ ମନ ବାସନା । ୬ ।

●●●

Digitized by PPRACHIN, SOA

ରାଜ ରାଜେଶ୍ୱର

ଯାହା ପାଇଁ ସଜଫୁଲ ସାଜେ ପୂଜାଫୁଲ
ଧୂପବାସ ଯାହା ପାଇଁ ବାସ ସେ ଫୁଲର
ମୁଁ କି ଦେବି ଉପହାର ?
ଯାହା ମୁଁ ଦେଖୁଛି ସବୁ ତ ତାଙ୍କର ସିଏ ରାଜ ରାଜେଶ୍ୱର
ମୁଁ କି ଦେବି ଉପହାର ? । ୧ ।

ନୀଳ ସାଗରର ଲହରୀ ମାଳାରେ
ତାଙ୍କ ଗୀତି ବାଜେ ଜଳ ତରଙ୍ଗରେ
ଶୀତଳ ପବନ କାନେ କହିଯାଏ କଳନା ନାହିଁ ତାଙ୍କର ।
ମୁଁ କି ଦେବି ଉପହାର ? । ୨ ।

ଭାସେ ମେଘମାଳା ନୀଳ ଆକାଶରେ
ତାଙ୍କ ଯଶ ଗାଇ ହରଷ ମନରେ
ତାଙ୍କରି କରୁଣା ହୋଇ ନଦୀଧାର ଝରିଯାଏ ନିରନ୍ତର
ମୁଁ କି ଦେବି ଉପହାର ? । ୩ ।

ସିଏ ତ ସୂରୁଜ ମୁଁ ଯେ ରଶ୍ମି ରେଣୁ
ସିଏ ପରବତ ମୁଁ ଯେ ବାଲି ଅଣୁ
ତାଙ୍କରି ମହିମା ଗାଇବା ପାଇଁ କି ନାହିଁ ଶକତି ମୋହର
ମୁଁ କି ଦେବି ଉପହାର ? । ୪ ।

●●●

Digitized by PPRACHIN, SOA

ମାଗେ ଶରଣ

ତୁମେ ନିଖିଳ ବନ୍ଦନୀୟ
ପ୍ରଭୁ ଶତ ପ୍ରଣିପାତ ନିଅ
ତୁମ ଚଲାପଥେ ହାତ ଧରି ମତେ
ଆଗକୁ ଚଲାଇ ନିଅ । ୦ ।

କରୁଣା ତୁମର ହୋଇ ଶତଧାର
ବହିଯାଏ ଦଶଦିଶ
ମହିମା ତୁମର ଅନନ୍ତ ଅପାର
କହି କେ କରିବ ଶେଷ ।
କେହି ନାହିଁ ଯାର ତୁମେ ତ ତାହାରେ ଢାଳିଦିଅ ବରାଭୟ । ୧ ।

ଜଗତ ଜଞ୍ଜାଳ ହତାଶା ଅନ୍ଧାରେ
ତୁମେ ତ ଆଲୋକ ରେଖା
ଜୀବନେ ଜୀବନେ ବିରାଜିତ ତୁମେ
ଅମଳିନ ଦୀପଶିଖା ।
ତୁମ ଲୀଳା ପ୍ରଭୁ ଗାଇବାକୁ ମୋର ଭାଷାମାନେ ପରାଜୟ । ୨ ।

ଚରାଚର ପ୍ରଭୁ ତୁମରି ମୂରତି
ଭିତରେ ବାହାରେ ତୁମେ
ତୁମେ ତ ସାକାର ପୁଣି ନିରାକାର
ବରଣୀୟ ଭବ ଭୂମେ
ଶରଣ ମାଗୁଛି ଚରଣ କମଳେ ଗାଇ ତୁମ ଜୟ ଜୟ । ୩ ।

•••

Digitized by PPRACHIN, SOA

ଶତ ପ୍ରଣାମ

ତୁମେ ଥିଲ ଏକ   ହୋଇଲ ଅନେକ
  ଆପଣାର ଇଚ୍ଛାବଳେ
ତୁମେ ତ ସାଧକ   ତୁମେ ତ ସାଧନା
  ତୁମେ ସିଦ୍ଧି ମହୀତଳେ । ୦ ।

ତୁମେ ହେଲ ଗିରି   ଶ୍ୟାମବନ ଦରୀ
  ତୁମେ ହେଲ ନଦୀଧାର
ତୁମେ ତରୁତୃଣ   ଗହନ କାନନ
  ତୁମେ ନୀଳ ପାରାବାର
ତୁମେ ହେଲ ପ୍ରଭୁ   ଆଲୋକ ମିନାର
  ସଂସାର ସାଗର କୂଳେ । ୧ ।

ବରଷାର ଧାରା   ହୋଇ ଝରିଗଲ
  ତୁମେ ଏଇ ଧରା ଧାମେ
ରବି ଶଶୀତାରା   କିରଣ ସାଜିଲ
  ନିଜେ ହଜି ନିଜ ପ୍ରେମେ
ସାତରଙ୍ଗ ଫୁଲ   ହୋଇ ଫୁଟିଗଲ
  ବନ ଉପବନ କୋଳେ । ୨ ।

ଜଡ଼ରୁ ଜୀବନ   ଜୀବନରୁ ମନ
  ସବୁ ତୁମ ରୂପାୟଣ
ଅତିମାନବର   ଆଗମନୀ ଗୀତେ
  ତୁମେ ବୀଣା ତୁମେ ତାନ
ତୁମେ ଚରାଚର   ପରମ ଈଶ୍ୱର
  ତୁମକୁ ପ୍ରଣାମ କରେ । ୩ ।

●●●

Digitized by PPRACHIN, SOA

ନବ ପ୍ରଭାତ

ତୁମରି ଆସିବା ବାଟକୁ ଚାହିଁଛି
ମନେ କେତେ ଆଶା ନେଇ
ଅନୁପମ ତୁମେ ଏତିକି ମାଗୁଣି
ନିରାଶ କରିବ ନାହିଁ ।୧।
ଧୀର ପବନର ଲଳିତ ପରଶ
ଶିହରଣ ଆଣେ ଦେହେ
ସଜଫୁଟା ଫୁଲ ବନେ ଉପବନେ
କାନେ କେତେ କଥା କହେ ।୨।
ମନଲାଖି ଫୁଲେ ମାଳା ସଜାଡ଼ିଛି
ତୁମକୁ ମୁଁ ଦେବି ବୋଲି
ମନୋରମ ତୁମ ଧୀର ଚାହାଣିରେ
ଦୁଃଖ ମୋର ଯିବି ଭୁଲି ।୩।
ମନ୍ଦମନ୍ଦ ତୁମ ସୁନ୍ଦର ଚାଲିରେ
ଫୁଟୁଥିବ ନୀଳକଇଁ
ଯେତେ ଦେଖୁଥିଲେ ନୂଆ ଦିଶୁଥିବ
ଶୋଭାର ଉପମା ନାହିଁ ।୪।
ପିନ୍ଧାବାସ ତୁମ ଝୁଲିଯାଉଥିବ
ଅଳସ ପବନେ ଧୀରେ
ମିଠାମିଠା ହସ ଫୁଟି ପଡୁଥିବ
ନରମ ଅଧର ଧାରେ ।୫।
ମାନବ ଜନମ ହୋଇବ ସଫଳ
ତୁମ ରୂପ ଶୋଭା ଚାହିଁ
ଏ ଜୀବନେ ମୋର ଆସିବ ସେଦିନ
ନବୀନ ସୂରୁଯ ଉଇଁ ।୬

●●●

Digitized by PPRACHIN, SOA

ନିବେଦନ

ମୋ' ଜୀବନ ଗୋଧୂଳି ଲଗନରେ
ପ୍ରଭୁ ତୁମ ପ୍ରେମ ହୋଇ ପୂର୍ଣ୍ଣ ଶଶୀ
ବିରାଜିବ ପ୍ରାଚୀ ଗଗନରେ ।୦।

ହତାଶା ଅନ୍ଧାର ଯିବ ଅପସରି
ପଡ଼ିଲେ ଜୋଛନା ଆକାଶରୁ ଝରି
ଶାନ୍ତି ସୁଧାଧାରା ବହିଯିବ ପରା ମୋ'
ମନ ଗହନେ ଗୋପନରେ ।୧।

ନୂତନ ଚେତନା ନୂତନ ଭାବନା
ଆସିବ ପାଇଲେ ତୁମରି କରୁଣା
ତୁମେ ହେବ ପ୍ରଭୁ ମୋ' ରଥେ ସାରଥି,
ସମର ଭୂଇଁରେ ମରମରେ ।୨।

ଜୀବନେ ଆସିବ ନୂଆ ଅନୁଭବ
ସରି କିବା ତାରେ ଅଳକା ବିଭବ
ନିରନ୍ତର ତୁମ ବିମୋହନ ଛବି
ନାଚୁଥିବ ମନ ନୟନରେ ।୩।

●●●

Digitized by PPRACHIN, SOA

ଦେବ ମୁହୂର୍ତ୍ତ

ଆସିଏବେ ଉପଗତ ସେ ଦେବ ମୁହୂର୍ତ୍ତ
ଜଡ଼ତାରେ ଯବନିକା ଟାଣି, ଗାଇଗୀତ ନୂଆ ଆଗମନୀ,
ଚେତନାର ଦୀପଜାଳି, ଦିଗ୍‌ବିଜୟ କରି ଉନ୍ମୋଚିତ
ମୃଦୁହାସେ ଢାଳିଢାଳି ସୁଧାସଞ୍ଜୀବନୀ ।୧।

ଶପଥ କରିଛି ଅନୁମନ୍ତା ପାଦ ଛୁଇଁ ନୂଆ କରି ଗଢ଼ିବ ଏ ଧରା,
ଫୁଟାଇବ ମଧୁଗୀତି ସୁରେସୁରେ କମଳିନୀ ପାଖୁଡ଼ା ପାଖୁଡ଼ା,
ସମୁଦ୍ରର ଲହରୀ ପରଶି, ସିକତାରେ ଧୀର ପଦଚାଳି
ଜୀବନରୁ ଦାବାନଳ ଲିଭାଇବ, ସିଞ୍ଚିସିଞ୍ଚି ପ୍ରୀତିସୁଧା ବାରି ।୨।

ଧରିତ୍ରୀରେ ସ୍ୱର୍ଗସୁଧା ଅବତରି ହେବ ଉପଗତ,
ଅଳକା ଆସିବ ନଇଁ ସବୁ ହେବ ସ୍ନିଗ୍ଧ ସୁରଭିତ,
ଭ୍ରାତୃତ୍ୱର ଅତୁଟ ବନ୍ଧନେ, ବିଶ୍ୱପ୍ରାଣ ହେବ ମଧୁସିକ୍ତ
ମମତା କଦମ୍ବକଢ଼ି କେତେ ଫୁଟିଯିବ, ଚରାଚର କରି ପୁଲକିତ ।୩।

ହିଂସା, ଦ୍ୱେଷ, ଅହମିକା ପ୍ରାଚୀର ପଡ଼ିବ ଭାଙ୍ଗି
ବିଶ୍ୱପ୍ରେମ ନିର୍ଝରିଣୀ ଝରିଯିବ ହୋଇଣ ସୁଭାଙ୍ଗୀ,
ଇଚ୍ଛାମୟୀ ମା'ଙ୍କ ଇଚ୍ଛାରେ ସବୁ କିଛି ହେବ ସଙ୍ଗଠିତ,
ଅତିମାନସର ଜ୍ୟୋତି ଚରାଚରେ ହେବ ବିଚ୍ଛୁରିତ ।୪।

ସନ୍ତାନର କଲ୍ୟାଣକାରିଣୀ ଜ୍ଞାନମୟୀ ସେ କରୁଣାମୟୀ,
ସୁଖେଦୁଃଖେ ଚିର ସାଥୀ ସତ୍ୟମୟୀ ସେ ଚୈତନ୍ୟମୟୀ,
ତାଙ୍କ ପାଦେ ନତ ଶିରେ ଆଜି ମୁହିଁ କରୁଛି ପ୍ରାର୍ଥନା,
କ୍ଷମାମୟୀ ଜନନୀ ସେ ନାହିଁ ତାଙ୍କ କଳନା ତୁଳନା ।୫।

●●●

Digitized by PPRACHIN, SOA

ଏତିକି ଭିକ୍ଷା

ମା'ଆର ମମତା ହୃଦୟରେ ବହି
ଆସିଲ ତମେ ଏ ମରତ ଧାମେ
ଦୁରୂହ କାର୍ଯ୍ୟ ସମାପନ ଲାଗି
ସାଧନା ତମର ଦିବସ ଯାମେ ।୧।
ଗୋଟିଏ ଦେହରେ ନଥିଲେ ମାଆଗୋ
କୋଟିକୋଟି ଦେହ ଯାଇଛ ହୋଇ
ସାଗର-ଭୂଧର-କାନନ-କେଦାର
ପ୍ରଣାମ କରନ୍ତି ଚରଣ ଛୁଇଁ ।୨।
କ୍ରିୟାଧାରା ତୁମ ଅବିରତ ଭାବେ
ଚାଲିଛି ମାଆଗୋ ଦ୍ୱିଗୁଣ ବେଗେ
ଆଗାମୀ ଦିନରେ ଚିର ବସନ୍ତର
ମଳୟ ବହିବ ଅବନୀଭାଗେ ।୩।
କନକ ବରଣୀ ଉଷାର ଆଲୋକେ
ଦଶ ଦିଗ ହସି କରିବେ ସ୍ନାନ
ପଲକେ ପଲକେ ଅସୀମ ପୁଲକେ
ଜଗତ ଜୀବନ ହୋଇବ ପୂର୍ଣ୍ଣ ।୪।
ଯିବ ନାହିଁ ଧରା ସରଗ ଦୁଆରେ
ସରଗ ଆସିବ ଧରାରେ ନଇଁ
ଅତିମାନସର ବିମଳ ବିଭାରେ
ଝଲସି ହସିବ ମରତ ଭୂଇଁ ।୫।

Digitized by PPRACHIN, SOA

ରୂପାନ୍ତର ଯୋଗେ ଜ୍ଞାନ ରହିବ
ରହିବ କର୍ମ, ଭକ୍ତିଧାରା
ଜ୍ଞାନ, କର୍ମ, ଆଉ ଭକ୍ତି ମିଶିବେ
ଜୀବନ ହୋଇବ ପୀୟୂଷ ଭରା ।୬।
ଚରାଚର ପୁଣି ନଭ ଅନ୍ତରୀକ୍ଷ
ସବୁକୁ ନେଇ ଏ ଜଗତ ଗଢ଼ା
ଅତିମାନବର ଆଗମନ ପାଇଁ
ତୁମରି କରୁଣା ଆଶିଷ ଲୋଡ଼ା ।୭।
ଏ ବିରାଟ କାର୍ଯ୍ୟେ ବଡ଼ ନ ହେଲେ ବି
ସାନ କାମ ପାଇଁ ରଖିଛି ଆଶା
ପ୍ରଭୁ ମୋର ଆଶା ଏତିକି ମାଗୁଣି
ତୁମରି ଚରଣେ ଏତିକି ଭିକ୍ଷା ।୮।

●●●

Digitized by PPRACHIN, SOA

ମାତୃ କରୁଣା

ନିଃସଙ୍ଗଜୀବନ ଯାତ୍ରା ଧରିତ୍ରୀ ବୁକୁରେ
ଆଣେ ପ୍ରତି ପାଦେପାଦେ ପ୍ରାଣେ ବ୍ୟାକୁଳତା ।
ପୁଞ୍ଜିଭୂତ ଦୀର୍ଘଶ୍ୱାସ ବ୍ୟଥା ହାହାକାରେ
ଜୀବନର ଅନ୍ୟନାମ ବିରାଟ ଶୂନ୍ୟତା ।୧।

ତଥାପି ଶୁଭୁଛି ଦୂରେ ଆଶା ବୀଣାତାନ
ମନକୁ ଛୁଉଁଛି କାହା ମମତାର ମଧୁ
କେଉଁଠାରେ ବାଜୁଅଛି ବୀଣା ସେ ମୋହନ
ପରକୁ ଯେ କରିନିଏ ଆପଣାର ବନ୍ଧୁ ।୨।

କିଏ ବସି ଦୂର ଦେଶେ ନୀଳାଭ ଦିଗନ୍ତେ
ମୃଦୁମୃଦୁ ହସିକରେ କଲ୍ୟାଣ କାମନା
ଅନୁକ୍ଷଣ କର୍ମରତ ସୃଷ୍ଟିର ନିମନ୍ତେ
ଆଉ କିଛି ନୁହେଁ ସେ ତ ମାଆଙ୍କ କରୁଣା ।୩।

ସଂସାରର ସରସୀରେ ଶ୍ୱେତ ଶତଦଳ
ଲାବଣ୍ୟମୟ-ଲଳିତ-ପ୍ରୀତିର ପ୍ରତୀକ
ଭରିଦିଏ ଆଶ୍ୱାସନା-ବିଶ୍ୱାସ ବିମଳ
କରିବାକୁ ବିଶ୍ୱଜନ ଜୀବନ ସାର୍ଥକ ।୪।

Digitized by PPRACHIN, SOA

ଶୀତରେ ଶୀର୍ଣ୍ଣ ଧରିତ୍ରୀ କମ୍ପେ ଥରହର
ରିକ୍ତ ଆଉ ରୁକ୍ଷ ଏଇ ପ୍ରକୃତି ବିଜନ
ତିକ୍ତ ଓ ବିଷାକ୍ତ ପୁଣି ବିଷାଦେ ଜର୍ଜର
ଦୀର୍ଘଶ୍ୱାସେ ବୁକୁ ତା'ର ବ୍ୟଥିତ ବିଦୀର୍ଣ୍ଣ ।୫।

ମାଆର କରୁଣା ଦେବ ଅମୃତ ପରଶ
ଭରିଯିବ ଦିଗେ ଦିଗେ ଜଡ଼ରେ ଜୀବନ
ଶୀତ ଅନ୍ତେ ଆସିବରେ ବାସନ୍ତୀ ବିଳାସ
ରାତ୍ରୀ ଶେଷେ ଦିବାକର ଦେବେ ଦରଶନ ।୬।

ବନବୀଥି ଧାରେଧାରେ ଆସି ଶ୍ୟାମଳିମା
ହସିବ ମୃଦୁମୋହନ ଶୋଭା ଅନୁପମ
ବସନ୍ତକୁସୁମ ବାସେ ହଜିବ ମ୍ଳାନିମା
ମରତେ ରଚିବ ରୁଚି-ରୁଚିର ନନ୍ଦନ ।୭।

ମାତୃକରୁଣାରେ ଭରିଯିବ ଉଷାଲୋକ
ବରଣୀୟ ପରିବେଶ ଉଦାର ଗମ୍ଭୀର
ଜୀବନେ ଭରିବ ସତ୍ୟ ଶାନ୍ତିର ପୁଲକ
ମାତୃକରୁଣାର ଆହା ନାହିଁ ପଟାନ୍ତର ।୮।

●●●

Digitized by PPRACHIN, SOA

ଜଗତ ଜନନୀ

ତୁମ ଚରଣେ ଶରଣ ନେଲି ଆଜି ମାଆ
ମନା ନାହିଁ ଯାହା ଇଚ୍ଛା କର ତୁମେ ତାହା
ମନ ମୋ କହୁଛି ବିପଦର ଜଳେ
ବୁଡ଼ିବନି ଆଉ ଜୀବନ ନାହା । ୦ ।

କାହିଁଯିବି ମୁହିଁ ବଦରିକା ଧାମ
ତୁମ ପାଦ ତଳେ ମୋ ଜୀବନ ଧନ୍ୟ
ବରଷା ବତାସି ଆସୁ ଯାହା ଯେତେ
ଜପୁଥିବି ତୁମ ନାଆଁ । ୧ ।

ମାଆ, ମହେଶ୍ୱରୀ ଅଗତିର ଗତି
ମହାକାଳୀ, ମହାଲକ୍ଷ୍ମୀ, ସରସ୍ୱତୀ
ସତ୍ୟମୟୀ ତୁମେ ଆନନ୍ଦମୟୀ ଗୋ !
ବିଜ୍ଞାନମୟୀ ମାଆ । ୨ ।

ମହିମା ଗାଇବି ଦିଅ ହେ ଶକତି
ଧୂପଟିଏ କର ଏତିକି ମିନତି
ନବଚେତନାର ପରଶରେ ଆସୁ
ଜୀବନରେ ଉଷା ନୂଆ । ୩ ।

●●●

Digitized by PPRACHIN, SOA

ଲଳିତ ଛନ୍ଦ

ଅତିମାନସର ଅବତାର ତୁମେ
ଚରଣ ତୁମର ବନ୍ଦେ
ଗାଏ ତୁମଗୀତି ଏ ବିଶ୍ୱଭାରତୀ
ଲଳିତ ମଧୁର ଛନ୍ଦେ ।୦।
ଧୂଳିର ଏ ଧରା କରିବାକୁ ପରା
ଦେବତା ଲୀଳା ନଗରୀ
ନବଚେତନାର ଆଲୋକ ଜୁଆର
ଆଣିଛ ସାଧନା କରି ।
ଅବଚେତନାର ରୁଦ୍ଧ ଦୁଆର ଭାଙ୍ଗିଦେଇଅଛ ତୁମ୍ଭେ ।୧।

ବ୍ରହ୍ମସତ୍ୟ ପୁଣି ସତ୍ୟ ଏ ଜଗତ
ଜୀବନେ ରହିଛି ଅର୍ଥ
ଆତ୍ମଚେତନାର ବିକାଶ ପାଇଁକି
ଜୀବନ ଯେ ମହାତୀର୍ଥ
ଜୀବନ ହୋଇବ ଶାନ୍ତ ମଧୁର ଦିବ୍ୟ ଚନ୍ଦନଗନ୍ଧେ ।୨।

●●●

Digitized by PPRACHIN, SOA

ଦିବ୍ୟଚେତନା

ମହାଯୋଗୀ ତୁମେ ଶ୍ରୀଅରବିନ୍ଦ
ଚରଣ ତୁମର ବନ୍ଦେ
ଭଗୀରଥ ସାଜି ଅତି ମାନସର
ଗଙ୍ଗା ଆଣିଛ ଭବେ ।୦।
ପ୍ରୟାସ ତୁମର ମହାମହୀୟାନ
ସାଧନା ତୁମର ଚିର ଅମଳିନ
ଅବଚେତନାର ରୁଦ୍ଧ ଦୁଆର ଭାଙ୍ଗିଛ ଆପଣା ସାଧେ ।୧।
ତୁମ ସାଧନାରେ ନିହିତ ଶକତି
ପୂରଣ କରିବ ମାନବ ପ୍ରଗତି
ଏହି ମାଟିହେବ ଦେବ ଲୀଳାଭୂମି ପୀୟୂଷ ପ୍ରବାହଛନ୍ଦେ ।୨।
ହେବ ଚେତନାର ବିମଳ ବିକାଶ
କଳୁଷ କାଳିମା ହୋଇଯିବ ନାଶ
ମୁକତି, ଆଲୋକ ଆଉ ଅମରତ୍ୱ ଆସିବ ମାନବ ଭାଗ୍ୟେ ।୩।
ନୂତନ ଉଷାର ଆଗମନୀ ଗୀତି
ବାଜିବ ଧରାରେ ଭରି ଶୁଭ ଶାନ୍ତି
ସେଦିନ ଜୀବନ ହେବ ସୁବାସିତ ଚିର ମଳୟର ଛନ୍ଦେ ।୪।

●●●

Digitized by PPRACHIN, SOA

ସୁନୀଳ ସିନ୍ଧୁ

ମନକର ନାମ ଜପ,   ମାଆ ମାଆ ଡାକରେ
ସିଏ ତ ସଜ କମଳ ଭବ ପାପ ପଙ୍କରେ ।୦।
ସିଏ ମାତା ସିଏ ଗୁରୁ ତା' ମହିମା ମହାମେରୁ
ଗତି ମୁକତି ଦାୟିନୀ ତା' ଯଶ ଅନେକରେ ।୧।

ଶୁଭ ଆଶିଷ ଦାୟିନୀ ସିଏ ଜଗତ ଜନନୀ
ତା'ର ପାଦ ଯୁଗଳରେ ସଦା ଧ୍ୟାନ ରଖରେ ।୨।

ବିପଦରେ ସାହା ସିଏ ସ୍ନେହମୟୀ ମାଆ ସିଏ
ତା' ଆଶିଷେ ପୂରିଯିବ ଜୀବନ ପୁଲକରେ ।୩।

ସେ ନାମରେ ଅଛି ମଧୁ   କୃପାର ସୁନୀଳ ସିନ୍ଧୁ
ଜପିଲେ ସେ ନାମ ଆହା ତୁଟିଯିବ ଦୁଃଖରେ ।୪।

●●●

Digitized by PPRACHIN, SOA

ସ୍ୱର୍ଗ ଆସିବ ନଇଁ

ସୂର୍ଯ୍ୟ ଆସୁଛି ଧରିତ୍ରୀରେ ନିତି ବଜାଇ ମୋହନ ବେଣୁ
ବିକଶିତ ଏଇ କୁସୁମ କୁଞ୍ଜେ ଶୁଭୁଛି ଅଳିର ଗୁଞ୍ଜନ ଗୁଣୁଗୁଣୁ
ମଧୁ ମଳୟରେ ପୁଷ୍ପ ସୁରଭି ସଞ୍ଚରିଯାଏ ଧୀରେ
ବିହଙ୍ଗ କଣ୍ଠୁ ଲଳିତ କୂଜନ ଝରିଝରିଯାଏ ବାରେ
ସବୁ କଥା ଥିଲା କାଲି
ଆଜି ବି ସେପରି ରହିଛି, ପ୍ରକୃତି ନିଜକୁ ଯାଇନି ଭୁଲି ।୧।

ମଣିଷ କିନ୍ତୁ ଭୁଲି ଯାଇଅଛି ଆପଣାର ପରିଚୟ
ହିଂସା, ଛଳନା, ଘୃଣା, ପ୍ରତାରଣା କରିଅଛି ତାକୁ ଜୟ
ମୁକ୍ତ କଣ୍ଠରେ ଗାଉନାହିଁ ସିଏ ମାନବିକତାର ଗାନ
ନିଜକୁ ମଣିଛି ସବୁବେଳେ ବଡ଼ ଆନକୁ ମଣିଛି ସାନ ।
ବଦଳି ଯାଇଛି ବେଳ
ମଣିଷ ମୁଖର ସରଳ ହସଟି ଆଜି ଗଗନର ଫୁଲ ।୨।

ଆନ୍ତରିକତାର ସ୍ନିଗ୍ଧପରଶ କିଏ ହରି ନେଲା କାହିଁ ।
ଈର୍ଷାବିଷରେ ମଣିଷର ମନ ଜର୍ଜରିତରେ ଭାଇ !
ବନ୍ଧୁର ପଥେ ଚଳାଇ ନେବାରେ ଯିଏ ତ ସିଦ୍ଧହସ୍ତ
ବନ୍ଧୁ ଆଜିର ବୋଲାଉଛି ସିଏ ଛଳନାରେ ଅଭିଷିକ୍ତ ।
ତଥାପି ରହିଛି ଆଶା
ନୂତନ ଉଷାର ଆଲୋକ ପରଶେ ପାହିଯିବ ଅମା ନିଶା ।୩।

Digitized by PPRACHIN, SOA

ଶୁଭିଲାଣି ଦୂରେ ଆଶାର ସଙ୍ଗୀତ ହେବାନି ହତାଶ କ୍ଳାନ୍ତ
ମୃଦୁମୃଦୁ ହସେ ପୁଣି ଲୁଚିବସେ ଦିବ୍ୟଜୀବନ ଶାନ୍ତ
ସଚେତନ ହେଲେ, ମାନବ ମାନସେ ଦିଶିବ ସେ ହସ ସ୍ୱଚ୍ଛ
ସାରା ଜଗତର କଲ୍ୟାଣକାମୀ ସିଏତ ଆନନ୍ଦ ଉସ୍ସ
ସ୍ୱର୍ଗ ଆସିବ ନଇଁ ।
ସୁଧା ସଞ୍ଜିବନୀ ପ୍ରବାହ ପରଶେ ହସିବ ମରତ ଭୂଇଁ ।୪।

ମାନବିକତାର ଶୁଭ ସଉରଭେ ଜୀବନର ଉପବନ
ସୁରଭିତ ହେବ, ସୁଲଳିତ ହେବ, ମଧୁଭରା ଅନୁପମ ।
ଆସିବ ଆଲୋକ ପୁଣ୍ୟପ୍ଲାବନ ଗଗନ ପବନ ଭରି
ନୂଆ ଛନ୍ଦର ଅଭିଷେକ ପାଇଁ ବାଜିବ ନବୀନ ଭେରୀ
ପୁଲକି ଉଠିବ ପ୍ରାଣ
ନୂତନ ସୂର୍ଯ୍ୟ ସ୍ୱର୍ଣ୍ଣକିରଣେ ଆସିବ ନୂତନ ଦିନ ।୫।

●●●

Digitized by PPRACHIN, SOA

କୃପାମୟ

ତୁମେ ଦେଇଅଛ ବୋଲି
ପାଇଛି ମୁଁ ସବୁ
ତୁମ ପାଦେ ମନ ମୋର
ରହୁନାହିଁ ପ୍ରଭୁ ।୦।
ସବୁ ତୁମ ଲୀଳା ପ୍ରଭୁ
ଲୀଳାମୟ ତୁମେ
ସବୁ ମୁଁ କରୁଛି ବୋଲି
କହେ ଖାଲି ଭ୍ରମେ
ହୃଦୟ ଦେବତା ତୁମେ ମୋର ପ୍ରାଣବନ୍ଧୁ ।୧।
ତୁମେ ଦେଇଛ ଆନନ୍ଦ
ଏ ମୋର ମାନସେ
ନିତି କେତେ ଆଶାଫୁଲ
ତହିଁ ଫୁଟି ହସେ
ମୋ ଜୀବନ କୁମୁଦିନୀ ତୁମେ ପୂର୍ଣ୍ଣଇନ୍ଦୁ ।୨।
ବାଟରେ ପଡ଼ିଲେ ଝୁଣ୍ଟି
ମନେ ଆସେ ଖେଦ
ମନ ବୁଝେ ନାହିଁ ତୁମ
ଦଣ୍ଡ ବି ପ୍ରସାଦ
କର ପ୍ରେମୀ ମତେ ପ୍ରଭୁ ଦେଇ ପ୍ରେମ ମଧୁ ।୩।

●●●

Digitized by PPRACHIN, SOA

ତ୍ରିବେଣୀ ତୀର୍ଥ

ସାଧନା ତୁମର ଚିର ଅମଳିନ
ତୁମେ ପରା ମହାଯୋଗୀ
ଅତିମାନସର ଚେତନା ଆଣିଛ
ଅବଚେତନାକୁ ଭାଙ୍ଗି ।୦।

ଜ୍ଞାନ-ଭକ୍ତି-କର୍ମ ତ୍ରିବେଣୀ ସଙ୍ଗମ
ତୁମରି ଯୋଗରେ ଅଛି
ପୂର୍ଣ୍ଣ ଯୋଗ ସିଏ ଆଗାମୀ ଦିନରେ
ବିଶ୍ୱ ତାକୁ ନେବ ବାଛି ।
ବିଶ୍ୱ ଜୀବନ ଦୁଃଖ ହରଣେ ସିଏ ପରା ମହୌଷଧି ।୧।

ସ୍ୱର୍ଗ ଆସିବ ଧରା କୋଳେନଇଁ
ହସିହସି ସେତେବେଳେ
ଏ ଧରଣୀ ସାଜି ଦେବଲୀଳା ଭୂଇଁ
ନାଚିବ ଆନନ୍ଦ ଭୋଳେ
ଯୋଡ଼ି ବେନି ପାଣି ମାଗୁଛି ମାଗୁଣି ତୁମରି ଆଶିଷ ଲାଗି ।୨।

●●●

Digitized by PPRACHIN, SOA

ନବ ସୌରଭ

ତୁମେ ମୋ ପ୍ରଭୁ ତୁମେ ମୋ ସବୁ ମୋ ପ୍ରାଣ ଅଧୀଶ୍ୱର
ଶରଣ ତୁମ ଚରଣ ତଳେ କରୁଣା ପାରାବାର ।୧।

ନୀଳ ଆକାଶେ ତୁମେ ନୀଳିମା ପୁଣି ପୂର୍ଣ୍ଣିମା–ଚାନ୍ଦ
ସୁନ୍ଦର ଶୋଭା ମଧୁର ବିଭା ଲଳିତ ହସଛନ୍ଦ ।୨।

ତୁମେ ସାଗର ନୀଳ ଲହରୀ ସୁଷମ ମୃଦୁ ହସ
ଦିଗବାରେଣି ଆଲୋକ ରେଖା ନାବିକ ମନ ତୋଷ ।୩।

ତୁମେ ସରଗ ପବିତ୍ର ତୀର୍ଥ ଶୀତଳ ଛଣା ସୁଧା
ନନ୍ଦନବନ ସୁବାସ ତୁମେ ତୁମେ ଅଳକାନନ୍ଦା ।୪।

ତୁମେ ମଳୟ ମଧୁବଳୟ ସୁନ୍ଦର ମଧୁମାସ
ତୁମେ କୁସୁମ ଶୋଭା ଅସୀମ ଅଧୀର ଦରହାସ ।୫।
ତୁମେ ହିଁ ଆଶା ତୁମେ ଭରସା ତୁମେ ସକଳ ସିଦ୍ଧି
ତୁମେ ଜୀବର ଜୀବନରେଖା ତୁମେ ଲାବଣ୍ୟନିଧି ।୬।

ପ୍ରଣାମ କରେ ଚରଣ ତଳେ ତୁମେ ପରମାନନ୍ଦ
ଦିଅ ଅଭୟ ହୁଅ ସଦୟ ପ୍ରଭୁ ଶ୍ରୀଅରବିନ୍ଦ ।୭।

●●●

Digitized by PPRACHIN, SOA

ସର୍ବନାମ

ହୃଦୟର ବ୍ୟଥା କହୁଛି ତୁମକୁ
ତୁମେ ଯେଣୁ ପ୍ରିୟତମ
ଜୀବନର ଚିନ୍ତା ଦେଉଛି ତମକୁ
ତୁମେ ତ ଅମୃତ ପ୍ରେମ । ୦ ।

ନିରାଶାରେ ଆଶା ଝଲସି ଉଠୁଛି
ତୁମରି ମହିମା ବଳେ
ଦିଗହରା ମୋର ବୋଇତ ଲାଗିଛି
ତୁମ ପାଦ ସିନ୍ଧୁ କୂଳେ ।
କେଉଁ ନାମ ଧରି ଡାକିବି ତୁମକୁ ତୁମେ ଯେଣୁ ସର୍ବନାମ । ୧ ।

ତୁମରି କରୁଣା ସାହସ ଦେଉଛି
ଆଗକୁ ଚାଲିବା ପାଇଁ
ଖୋଜିବାକୁ ହେବ ଜୀବନର ମୂଳ
ଯାଉଅଛି କାନେ କହି ।
ଅତିମାନସର ଅବତାର, ତୁମ ଚରଣେ କୋଟି ପ୍ରଣାମ । ୨ ।

●●●

Digitized by PPRACHIN, SOA

ଆଶାକୁସୁମ

ହୃଦୟ ବେଦୀରେ ବିଞ୍ଚି କେ ଦେଇଛି
ଆଶାର କୁସୁମରାଶି
ଚାହିଁ ମୁଁ ବସିଛି ପାହିଯିବ ବୋଲି
ଅମା ଅନ୍ଧକାର ନିଶି । ୧ ।

ମନର କାନନ ଅରୁଣ କିରଣେ
ଦିଶୁଥିବ ଝଲମଲ
ଚଲାପଥ ଧାରେ ଫୁଟି ହସୁଥିବ
ନାନା ଜାତି କେତେ ଫୁଲ । ୨ ।

ପରାଣ କୁଞ୍ଜରେ ସଜ ସକାଳରେ
ମୃଦୁ ସମୀରଣ ଆସି
ବିଜନ ବନାନୀ ଚହଲାଇ ଦେବ
ଭରି ପ୍ରୀତି ସୁଧାରାଶି । ୩ ।

ଅନ୍ଧାର ସେ ପାରେ ଦିଶିବ ଏଥର
ଉଜ୍ଜ୍ୱଳ ଆଲୋକ ରେଖା
ସେହି ଆଲୋକରେ ଭୁବନ ମୋହନ
ରୂପ ବିଭା ଯିବ ଦେଖା । ୪ ।

ତାଙ୍କର ମହିମା ନାହିଁ ତା'ର ସୀମା
ଭାଷାରେ ନ ହେବ କହି
ସେଇ ଗୁରୁଦେବ ଚରଣରେ ଢାଳେ
ଆଭୂମ ପ୍ରଣାମ ମୁହିଁ । ୫ ।

●●●

Digitized by PPRACHIN, SOA

ସବୁ ତୁମ ଦାନ

ଯାହା ଅଛି ମୋର ବୋଲି
ସବୁ ତୁମ ଦାନ ହେ ମହାମହିମ
ତୁମେ ତା'ର ଅଧିକାରୀ ।୦ ।

ତୁଣ୍ଡେ ମୋର ଥାଉ ସଦା ତୁମ ନାମ
ହାତେ ମୋର ରହୁ ସଦା ତୁମ କାମ
ମୋ' ଅନ୍ତରେ ନାଚୁ ତୁମ ପାଇଁ
ପ୍ରଭୁ ପ୍ରୀତି ସୁନୀଳ ଲହରୀ । ୧ ।

ଭାବି ତୁମ କଥା ଗାଇ ତୁମ ଯଶ
ଆନନ୍ଦରେ ବିତୁ ରଜନୀ ଦିବସ
ଚଲାପଥେ ମୋର ଆସୁ ନବ ଉଷା,
ଅନ୍ଧକାର ଯାଉ ଚାଲି । ୨ ।

●●●

Digitized by PPRACHIN, SOA

ମଧୁମହକ

ତୁମେ ବିଶ୍ୱ କଲ୍ୟାଣ ପାଇଁ
ଅତିମାନସର ଚେତନା ଆଣିଛ
ଭବେ ଭଗୀରଥ ହୋଇ । ୦ ।

ନବ ଚେତନାର ମଧୁର ମହକ
ଭରିବ ମାନବ ମାନସ ମୂଳକ ।
ସେହି କିରଣରେ ଝଲସି ହସିବ ନଦୀ-ବନ-ଗିରି-ଭୂଇଁ । ୨ ।

ଅତିମାନବର ଲୀଳା ନିକେତନ
ଆଗାମୀ ଦିନରେ ହେବ ଧରାଧାମ
ଧୂଳିର ଧରାରେ ମୃଦୁ ମୃଦୁ ହସି ସରଗ ଆସିବ ନଇଁ । ୩ ।

●●●

Digitized by PPRACHIN, SOA

ନବ ଦିଗନ୍ତ

ଚରଣ କମଳେ ତବ ଅଶେଷ ପ୍ରଣତି ଢାଳେ
ହରିବାକୁ ଦୁଃଖ ମୋର ଆକୁଳ ମିନତି କରେ । ୦ ।

ହତାଶାରେ ତୁମେ ଆଶା ସୁଲଳିତ ତୁମ ଭାଷା
ତୁମ ମହିମା ଅସୀମ
କବିବଚନକୁ ବଳେ । ୧ ।

ତୁମେ ସତ୍ୟ, ତୁମେ ଶାନ୍ତି ମଧୁମୟ ଦିବ୍ୟଜ୍ୟୋତି
ତୁମ କରୁଣାରେ ପ୍ରଭୁ
ପଙ୍ଗୁ ଲଂଘେ ଗିରି ହେଳେ । ୨ ।

ଚାତକେ ଧାରାଶ୍ରାବଣ ଚକୋରେ ପୂର୍ଣ୍ଣିମା ଜହ୍ନ
ତୁମେ ଆଲୋକ ମିନାର
ସଂସାର ସାଗର କୂଳେ । ୩ ।

ତୁମେ ବିପଦରେ ବନ୍ଧୁ କରୁଣା ସୁନୀଳ ସିନ୍ଧୁ
ବେଦରେ ପ୍ରଣବ ତୁମେ,
ପ୍ରଭା ଶଶୀ ଦିବାକରେ । ୪ ।

●●●

Digitized by PPRACHIN, SOA

ପ୍ରଭାତ କାକଳି

ଅମାନିଶି ପାହିଆସେ, ଫୁଟିଲାଣି ପ୍ରଭାତୀ ତାରକା
ଦୂର ଦିଗ୍‌ବଳୟେ ନୂତନ ସକାଳ ପାଇଁ ବାଜେ ଆଗମନୀ
ଶାନ୍ତ ହେବ ଆଗାମୀର ଦିନ, ହେବ ମଧୁମଖା
କିଏ ଆସି କାନେ କାନେ ଦେଇଯାଏ ଏ ଶୁଭ ବାରତା । ୧ ।

ଶୋଷଣକଷଣଯୁକ୍ତ ବିଷାଦେ ଜର୍ଜର
ଅଶାନ୍ତି ଦୁଃଖଯନ୍ତ୍ରଣା ଅକୁହା ବେଦନା
ଆଜି ଭାଙ୍ଗେ ମେରୁହାଡ଼, ପାଦ ଥରଥର
ସମସ୍ତେ ବିବ୍ରତ ଏଠି କିଏ କା'ରେ ଦେବ ବା ସାନ୍ତ୍ୱନା । ୨ ।

ଅନତି ଦୂରେ ଶୁଭୁଛି ପ୍ରଭାତ କାକଳି
ହତାଶାରେ ଆସିଲାଣି ଆଶା ରଶ୍ମି-ରେଖା
ପବନର ଝୁଲଣାରେ ଅସେ ଝୁଲିଝୁଲି
ଚେତନାର ମଧୁବାସ, ଜାଳି ଶୁଭଶିଖା । ୩ ।

ସୁକୁମାର ସୁଲଳିତ ଧ୍ୱନି ବୀଣାତାରେ
ତୋଳି, କିଏ ଆସେ ଆହା ଧୀର ପଦଚାଳି
ମରୁବୁକେ ସରଜିବ ସୌମ୍ୟ ଚୈତ୍ରରଥ
ମା'ଙ୍କ କରୁଣାଧାରା ସିଏ ତା'ର ଭଳି । ୪ ।

ମଧୁମୟୀ ସେ କଲ୍ୟାଣୀ ଜଗତଜନନୀ
ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ସିଏ
ମହାସରସ୍ୱତୀ ଦେବୀ ଆଶିଷ ଦାୟିନୀ
ଚରଣ କମଳେ ତାଙ୍କ ମଥା ମୁଁ ନୁଆଁଏ । ୫ ।

●●●

Digitized by PPRACHIN, SOA

ସୁବର୍ଣ୍ଣ ସୂର୍ଯ୍ୟ

ସୁବର୍ଣ୍ଣ ସୂର୍ଯ୍ୟ ବିଶ୍ୱ ଗଗନେ
ହେ ଚିର ବନ୍ଦନୀୟ
ଅତି ମାନସର ଅବତାର ତୁମେ
ଆମର ପ୍ରଣତି ନିଅ । ୧ ।

ଅବତରି ଆସି ମରତ ମାଟିରେ
ହୋଇଅଛ ଶ୍ରମକ୍ଷୀଣ
ସାଧନା ତୁମର ଏଇ ଧରା ବୁକେ
ଅଛି ଚିର ଅମିଳନ
ସ୍ୱର୍ଗ ଆସିବ ମରତରେ ନଇଁ ସବୁ ହେବ ମଧୁମୟ । ୨ ।

ନବଚେତନାର କଦମ୍ବ ଫୁଟିବ
ଜନମନ ପ୍ରାଣ ବନେ
ଅତିମାନବର ଲୀଳା ଭୂଇଁ ହେବ
ଏଇ ଧୂଳି ଧରା ଦିନେ ।
ମଧୁର ବସନ୍ତ ମଳୟ ପରଶେ ସବୁ ହେବ ସୁଧାମୟ । ୩ ।

ଦିବ୍ୟ ଭାବନାର ପରଶେ ଆସିବ
ଶୁଭ ଉଷା ଅଭିନବ
ଗଗନେ ପବନେ ଭରି ଯିବ ପ୍ରଭୁ
ସୁକୁମାର ଅନୁଭବ
ଉଲ୍ଲସି ଉଠିବ ମାନବ ମାନସ ଗାଇ ତୁମ ଜୟ ଜୟ । ୪ ।

●●●

Digitized by PPRACHIN, SOA

ଜୀବନ ଚିନ୍ତା

ଜୀବନର ମାନେ ନୁହେଁ ଜନମ କି ମରଣ
ଅବା ଏ ଦୁଇଟି ମଧ୍ୟେ କ୍ଷୀଣ ଏକ ନଶ୍ୱର ତୋରଣ
ଅମୃତ ସନ୍ତାନ ପାଇଁ ଏହା ଏକ ପୁଣ୍ୟ ଉପହାର
ଅମୃତ ସନ୍ଧାନ ପାଇଁ ଏହା ଏକ ପୂଜା ଉପଚାର । ୧ ।

ପରିବ୍ୟାପ୍ତ ସୀମାହୀନ ପଥ ଅତିକ୍ରମି
ଯିବାକୁ ହେବ ଆଗକୁ, କୁହୁକେ ନ ଭ୍ରମି
ଆଗାମୀ ସକାଳ ସୂର୍ଯ୍ୟ ବୁଣିଦେବ ଶୁଭ ରଶ୍ମିରାଶି
ଝଲସି ଉଠିବ ଧରା, ସେ ପ୍ରଭାତେ ପୀୟୂଷ ବରଷି ।୨ ।

ଏ ମାଟିରେ ଦିବ୍ୟଧାମ ପରଶ ଆସିବ ଭାସି
ସତ୍ୟ ଶିବ ସୁନ୍ଦରର ମୂର୍ତ୍ତି ଏଠି ହସିବ ବିକଶି
ଅମୃତ ସନ୍ତାନ ଆମେ ଆଗାମୀର ଜୟଗାନ କରି
ଏକତାନେ ଗାଇବାରେ ନୂତନ ସଂଗୀତ ମଧୁସୁର ତୋଳି ।୩ ।

ସତ୍ୟ, ନ୍ୟାୟ, ପ୍ରୀତି, ସୁଧା ହୋଇବ ପ୍ରକାଶ
ପ୍ରସନ୍ନ ରୁଚିର ହାସେ ଝଲସିବ ଆକାଶବତାସ
ଚେତନା ଲେଖନୀ ଧରି, ବକ୍ଷେ ଧରି ଅସୀମ ସାହସ
ଆମେ ସବୁ ଲେଖିଯିବା କାଳବକ୍ଷେ ନୂଆ ଇତିହାସ । ୪ ।

ସେ ଲେଖାରେ ବିଳସିବ ଫୁଲଫୁଟା ସକାଳର ବିଭା
ନିଃସ୍ୱାର୍ଥ ପ୍ରେମର ଛନ୍ଦ, ହୃଦୟର ପରଶ ବିମଳ
ଆଦରର ମଧୁଗନ୍ଧ, ପ୍ରଶାନ୍ତିର ଶାଶ୍ୱତ ସଂଗୀତ
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ଥିବ ଗୁରୁନାମ ଭକ୍ତିସୁଧା ସିକ୍ତ । ୫ ।

●●●

Digitized by PPRACHIN, SOA

ପ୍ରତିଧ୍ୱନି

ତୁମେ ତ ସାଜିଛ ଫୁଲରେ ଫୁଲରେ
ନାନାରଙ୍ଗ ନାନା ବାସ
ପତରେ ପତରେ ତୁମେ ତ ସାଜିଛ
ଶ୍ୟାମ ବିମୋହନ ରାସ । ୧ ।

ସଜ ସକାଳର ଆଲୋକ ଜୁଆରେ
ତୁମେ ତ ନୀରବ ଭାଷା
ପବନ ଦୋଳିରେ କୁସୁମ କଳିର
ତୁମେ ତ ଅଶେଷ ଆଶା
ତୁମେ ତ ପହିଲି ଆଷାଢ଼ର ଭିଜା ମାଟିର ସୁରଭି ବାସ । ୨ ।

ଉଦାସ ଗୋଧୂଳି କବରୀରେ ତୁମେ
ଲାଜୁଆ ସଂଜୁଆ ତାରା
ବସନ୍ତ ବନର କିଶଳୟ କୋଳେ
ତୁମେ ପିକ କୁହୁଧାରା ।
ମାଟିରୁ ଆକାଶ, ଆକାଶରୁ ମାଟି, ତୁମେ ଯେ ଅଖିଳ ବିଶ୍ୱ । ୩ ।

ମଣିଷ ମନର ଯମୁନା ଜଳରେ
ତୁମେ ପ୍ରେମ ନୀଳବେଣୀ
ପାଖରେ ଦୂରରେ ନବ ଚେତନାର
ତୁମେ ଧ୍ୱନି, ପ୍ରତିଧ୍ୱନି
ଭଲ ପାଇବାର ସାଗର କୂଳରେ ତୁମେ ତ ଲହରୀ ରାସ । ୪ ।

●●●

Digitized by PPRACHIN, SOA

ନବଜୋଛନା

ମାଆମାଆ ବୋଲି ଡାକରେ ମାନସ
ମାଆ ମାଆ ବୋଲି ଡାକ
ମାଆ ପାଦତଳେ ଶରଣ ପଶିଲେ
ତୁଟିଯିବ ସବୁ ଦୁଃଖ । ୦ ।

ସଂସାର ଗହନ କାନନ ପଥରେ
ମାଆ ନାମ ହେଲେ ସାଥି
ଦିଶିବ ଆଲୋକ ବିମଳ ଝଲକ
ପାହିଯିବ ଅମାରାତି
ସରଗୁ ଝରିବ ଛଣା ସୁଧାଧାରା
ଭରିବ ସରଗ ସୁଖ । ୧ ।

ବଉଦ ଫାଙ୍କରେ ଜହ୍ନର ଜୋଛନା
ସମାନ ମାଆ କରୁଣା
ଶୀତଳ ସରଳ ଲଳିତ କୋମଳ
ନାହିଁ ତାହାର ତୁଳନା
ଦୋଷାଦୋଷ ସବୁ କରିବେ ମା' କ୍ଷମା
ପଣତେ ପୋଛି ତୋ ମୁଖ । ୨ ।

●●●

Digitized by PPRACHIN, SOA

ନନ୍ଦନ ଫୁଲ

ନବପ୍ରଭାତ ଆଲୋକ ସ୍ନାତ
ଦିଗଦିଗନ୍ତ, ସୁଷମା ସିକ୍ତ
ଆଶାର ବୀଣା, ଗଲାଣି ଶୁଣା ହୁଅନା ହତାଶ କ୍ଳାନ୍ତ । ୧ ।

ପରାଣ କୁଞ୍ଜେ ମୁରଲୀ ବାଜେ
ଲଳିତ ଛନ୍ଦେ ମଳୟ ମନ୍ଦେ
ଚମକି ଉଠେ ସାରା ମୂଲକ ନୂଆଜୀବନ ସାଜେ । ୨ ।

ପୁରୁଣା ଦିନ ରହିବ ନାହିଁ
ଏ ଅମାନିଶା ଯିବରେ ପାହି ।
ଜଞ୍ଜାଳ ସତ, ଜୀବନ ସତ, ସତ ମରତ ଭୂଇଁ । ୩ ।

ମରତ ହେବ, ସରଗତୁଲ
ଫୁଟିବ ଏଠି, ନନ୍ଦନ ଫୁଲ
ତୁଟିବ ସବୁ ମନରୁ ମନ୍ଦ, ଜୀବନୁ ହାହାକାର । ୪ ।

●●●

Digitized by PPRACHIN, SOA

ସମାଧି ଦର୍ଶନ

ନାନାଜାତି ଫୁଲରେ ସଜଡ଼ା
ଫୁଲବାସ ମହମହ
ମହୁମାଛି ଗୁଣୁଗୁଣୁ
ଦିଅନ୍ତି କି ସରଗ ବାରତା ଆଣି, ବୀଣା ସୁରେ
ଓଁକାର ଝଙ୍କାରେ । ୧ ।

ସେବା ବୃକ୍ଷ ପକ୍ଷୀସମ ତା'ଡେଣା ମେଲାଇ
ଘୋଡ଼ାଇ ରଖିଛି ସିଏ ସମାଧି ମଣ୍ଡପ
ବେଳେବେଳେ ଝରିପଡ଼େ ସ୍ୱର୍ଣ୍ଣିମ କୁସୁମ
ଝରାଫୁଲେ ଲେଖାଥାଏ ଅନେକ କବିତା
ଦିବ୍ୟ ଚେତନାର । ୨ ।

ଆଗାମୀ ଦିନର ଦେବତା ଅଛନ୍ତି ତହିଁ,
କର୍ମକ୍ଳାନ୍ତି ମେଣ୍ଟାଇବା ପାଇଁ
ନବଉଷାରେ, ନବୀନ ତେଜରେ
ଉଠିବେ ସେଇ ସବିତା
ଆଗାମୀର ଆରାଧ୍ୟ ଦେବତା । ୩ ।

କରିବେ ସେ ମରତପୁରୀକୁ
ସୁରମ୍ୟ ସରଗପୁରୀ
ନଥିବ ଯହିଁରେ ହିଂସା, କପଟର ରାହୁଛାୟା
ଥିବ ଖାଲି ମମତାର ମଧୁସିକ୍ତ ଅମୃତ ପରଶ । ୪ ।

●●●

Digitized by PPRACHIN, SOA

ଚନ୍ଦନ ବାସ

ତୁମେ ନନ୍ଦନ ଫୁଲହସ
ତୁମେ ଚନ୍ଦନ ଚାରୁବାସ
ସୂରୁଯ ଆଲୋକ, ଜହ୍ନର ଜୋଛନା, ସଲିଳର ସୁଧାରସ । ୦ ।

ଆକାଶର ତୁମେ ଶୋଭନ ନୀଳିମା
ଗହନ ବନର ଘନ ସବୁଜିମା
ଆଲୋକ ବରଣୀ ଉଷାର ତୁମେତ ଭୁବନ ମୋହନ ବେଶ । ୧ ।

ପରାଣେ ପରାଣେ ପୁଲକ ସୁବାସ
ଜୀବନେ ଜୀବନେ ମମତା ଅଶେଷ
ଜଡ଼ରୁ ଜୀବନ, ଜୀବନରୁ ମନ, ସବୁ ତୁମ ଅଭିଳାଷ । ୨ ।

ଅତି ମାନସର କନକ କିରଣ
ତୁମେ ଦେଲଆଣି ହେ ମହାମହିମ !
ସେଇ କିରଣରେ ଝଲସି ହସିବ ଆଗାମୀ କାଲିର ବିଶ୍ୱ । ୩ ।

●●●

Digitized by PPRACHIN, SOA

ନବ ଚେତନା

ଜୀବନ ଆକାଶେ ଆଲୋକ ଝରାଇ
ଉଇଁବ ଆଗାମୀ ନବଚେତନା
ଫୁଟିବ ସୁଷମ କୁସୁମକଳିକା
ଛୁଟିବ ମହକ ହୃଦୟଘେନା । ୧ ।

ଭରା ଶିହରଣ ମଳୟ ପରଶେ
ନାଚିବ ପରାଣ ପ୍ରୀତି ପସରା
ଆଲୋକରୁ ଛାଇ ଅପସରି ଯିବ
ପୁଲକେ ହସିବ ଜୀବନଧାରା ।୨ ।

ନବ ଭାବନାର ପୁଲକ ପରଶେ
ପ୍ରକାଶିବ ଶୋଭା ବିଭବରାଜି
ରୂପାନ୍ତର ହେବ ଦେହ ପ୍ରାଣ ମନ
ଅହମିକା ବନ୍ଧ ପଡ଼ିବ ଭାଜି । ୩ ।

ମାନବ ମାନସେ ନାଚିବ ଉଲ୍ଲାସେ
ମାନବିକତାର ଲହରୀ ମାଳା
ସରଗ ହେବ ଏ ଧରା ପରିବେଶ
ଦେବ-ଉପବନ କୁସୁମେ ଭରା । ୪ ।

Digitized by PPRACHIN, SOA

ସେଦିନ ମାଆଗୋ ! ତୁମ ଅଭିଳାଷ
ପୂରଣ ହୋଇବ ଜଗତ ପରେ
ଅତିମାନସର ଶୋଭନ ସୁଷମା
ପ୍ରକାଶିତ ହେବ ମରମ ତଳେ । ୫ ।

ତୁମରି ସେନେହ ତୁମରି କରୁଣା
ରହିଛି ମାଆଗୋ ସଭିଙ୍କ ପାଇଁ
ଚରଣେ ତୁମର ପ୍ରଣାମ କରୁଛି
ଜୟ ଜୟ ମାଆ ମମତାମୟୀ । ୬ ।

ଚଳାଇ ନିଅ ମା' ପ୍ରଗତିର ପଥେ
ରହି ମୋର ପାଶେ ଦିବସ ନିଶି
ମୋ ରସନା ଗାଉ ସଦା ତୁମ ନାମ
ତୁମେ ମୋ ଜୀବନ ଶରଦ ଶଶୀ । ୭ ।

ଏତିକି ମାଗୁଣି ମାଗୁଛି ଆଜି ମୁଁ
ଧନ, ମାନ, ଯଶ ନ ଲୋଡ଼େ କିଛି
ତୁମ ଭରସାରେ ବିତୁ ଏ ଜୀବନ
ତୁମ ପାଦେ ଏଇ ଅଳି କରୁଛି । ୮ ।

●●●

Digitized by PPRACHIN, SOA

ଝରା ଲୋତକ

ସପନକୁ ମୋର ସତ କରି ପ୍ରଭୁ
ଦେଖା ଦେବ ଆସି ଯେବେ
ସେତେବେଳେ କିବା ଦେବି ଉପହାର
ମନେମନେ ବସି ଭାବେ ।୦ ।

ପାଦ ଧୋଇଦେବି ଗଙ୍ଗା ଜଳ ନେଇ
ଭାବେ ବସି ମନେ ମନେ
କି ଲାଭ ତହିଁରେ ଦିବ୍ୟ ମନ୍ଦାକିନୀ
ଅଛି ତୁମ ନଖ କଣେ
ସବୁ ବଇଭବ ଅଛି ବୋଲି ତୁମ ନାମ ଭଗବାନ ଭବେ ।୧ ।

ବାସଚନ୍ଦନ ମୁଁ ଲେପିବି ଅଙ୍ଗରେ
ଭାବେ ମନେମନେ ବସି
ହେଲେ ତୁମ ଅଙ୍ଗ ବାସର ମହକ
ଚନ୍ଦନକୁ ଦେବ ହସି
ଆନନ୍ଦର ଅଶ୍ରୁ ଝରାଇ ନୟନୁ ଭେଟି ଦେବି ତୁମ ପାଦେ । ୨ ।

●●●

Digitized by PPRACHIN, SOA

ସୁନ୍ଦର ହେବ ଧରା

ସୁନ୍ଦର ହେବ ଧରା
ମଣିଷ ମନର ଲଳିତ କୁଞ୍ଜେ
ସଜ ସକାଳର କିରଣ ପୁଞ୍ଜେ
ଫୁଟିବ ପ୍ରୀତିର ସୁବାସ କୁସୁମ ।
ଚାହାଣି ତା' ଚିତ୍ତଚୋରା,
ସୁନ୍ଦର ହେବ ଧରା ।୧ ।

ଶୀତଳ ପବନ ବହି
ନିଜେ ହସିହସି ଅନ୍ୟକୁ ହସାଇ
ମମତାର ଧାରେ ଅନ୍ୟକୁ ଭସାଇ
ମଧୁର କଣ୍ଠେ ନୂତନ ଛନ୍ଦେ
ଯିବ ନୂଆଗୀତି ଗାଇ,
ଶୀତଳ ପବନ ବହି । ୨ ।

ବାଜିବ ନବୀନ ଭେରୀ
ସୁଧାସଂଜୀବନୀ ନରମ ପରଶ
ଶାନ୍ତ କରିବ ମାନବ ମାନସ
ଈର୍ଷା, ଛଳନା, ହିଂସା, ପ୍ରତାରଣା
ଯିବ ଦୂରେ ଅପସରି,
ବାଜିବ ନୀବନ ଭେରୀ । ୩ ।

Digitized by PPRACHIN, SOA

ହୃଦୟର ସିଂହାସନେ
ନମନୀୟତାର ତୁଳସୀ ଦଳରେ
ଦିବ୍ୟ ଭାବନାର ବାସ ଚନ୍ଦନରେ
ନବଚେତନାର ଅଭିଷେକ ହେବ
ଆଗାମୀର ଶୁଭ ଦିନେ,
ହୃଦୟର ସିଂହାସନେ । ୪ ।

ପୁଲକିତ ହେବ ଦିଗ
ଦିବ୍ୟ ସୁଷମା ପ୍ରକଟିତ ହେବ
ବିକଶିତ ହେବ ଭାବ ଅଭିନବ
ପରିପୂର୍ଣ୍ଣତାର ପରଶେ ଆସିବ
ସୁବର୍ଣ୍ଣ ସତ୍ୟ ଯୁଗ,
ପୁଲକିତ ହେବ ଦିଗ । ୫ ।

ଅତିମାନସର ପ୍ରଭା,
ଗଗନ, ପବନ, ଗିରି, ନଦୀ, ବନ
ସାଗର, କେଦାର, ଦରୀ, ଉପବନ
ନବୀନ ଆଲୋକେ ଝଲସାଇଦେବ
ଝରାଇ ବିମଳ ବିଭା,
ଅତିମାନସର ପ୍ରଭା । ୬ ।

ଅତିମାନବର ପାଦ
ଫୁଟାଇବ କେତେ ଲାବଣ୍ୟ-କମଳ
ଛୁଟାଇବ ମୃଦୁ-ବାସ-ପରିମଳ
ବିଷାଦର ବିଷ ଧୋଇ ନେଇଯିବ
ହଜାଇ ସକଳ ଦ୍ୱନ୍ଦ୍ୱ
ଅତିମାନବର ପାଦ । ୭ ।

●●●

Digitized by PPRACHIN, SOA

ନୂଆ ଦିନ ଆସିବ

ଦିଗ ମହକିବ ଅଜଣା ଫୁଲର ବାସେ
ଭଲ କଥା ସବୁ ସୁନ୍ଦର ପାଦ ଥାପି
ଗୋଟି ଗୋଟି ହୋଇ ଆସି ପହଞ୍ଚିବେ
ମଣିଷ ମନର ଦେଶେ । ୧ ।

ନୀଳ ଦରିଆର ବୁକେ
ବଣା ନାବିକର ବତୀଘର ପରି
ଦେଖା ଦେବ ସେହି ଦିନ
ଯେଉଁଦିନ ଆଉ ରହିବ ନାହିଁଟି
ଛଳନାର କୁଶାସନ । ୨ ।

ତୋଫାନ ଆସିଛି ଏବେ
ବତାସ ପବନ ସାଇଁସାଇଁ ସୁରେ
ଗାଉଛି ରୁଦ୍ରଗୀତ,
ଶାନ୍ତ ହୋଇବ ସବୁ
ସ୍ନିଗ୍ଧସୁନ୍ଦର ଦିଗ ଦିଗନ୍ତରେ
ଅଳସେ ଝରିବ, ମାନବିକତାର ରୁଚିର ପଦ୍ମମଧୁ । ୩ ।

Digitized by PPRACHIN, SOA

ମଣିଷ ରହିବ ଚାହିଁ
ନିଜକୁ, ମାଟିକୁ, ନୀଳ ଆକାଶକୁ
ଏତିକି କହିବ,
କି ଥିଲା ଏ ରାଜ୍ୟ କି ହୋଇଛି ଆଜ
କିଛି ବୁଝିହେଉ ନାହିଁ । ୪ ।

ସତ୍ୟ ଯୁଗର ଜୈତ୍ର ମୁକୁଟ ପିନ୍ଧି
ସମୟ ହସିବ, ନାଚିବ ପ୍ରାଣର ପକ୍ଷୀ
ପୁରାତନ ନଦୀ, ପୁରୁଣା ପାହାଡ଼
ରହିବେ କେବଳ ଇତିହାସ ସାଜି
ହେବେ ଅତୀତର ସାକ୍ଷୀ । ୫ ।

●●●

Digitized by PPRACHIN, SOA

ପ୍ରାର୍ଥନା

ଗାଏ ଯା'ର ଗୀତି ଏ ବିଶ୍ୱଭାରତୀ
ଲଳିତ ମଧୁର ସୁରେ
କି ଭାଷାରେ ତା'ର ମହିମା ଗାଇବି
ଭାବେ ବସି ମୋ ଅନ୍ତରେ ।

ପ୍ରକୃତି ଯା'ପାଇଁ ସଜାଇ ଦେଇଛି
ବନଲତା କୁଞ୍ଜେ ଫୁଲ
କି ଫୁଲ ଦେଇ ମୁଁ ତା'ପାଦ ପୂଜିବି
ବୃଥା ଅହମିକା ମୋର
ଫୁଲର ମହକ ଯା'ପାଇଁକି ଧୂପ କି ଧୂପ ଦେବି ମୁଁ ତା'ରେ । ୧ ।

ଚନ୍ଦନର ଗନ୍ଧ ପବନରେ ମିଶି
ଗାଉଛି ମହିମା ତା'ର
ଦିଗେ ଦିଗେ ରାଜେ ତା'ର ରୂପ ଶୋଭା
ନାହିଁ ଯାର ପଟାନ୍ତର
ଦିଗନ୍ତର ସ୍ୱନ ତା'ର ବୀଣାତାନ ବାଜୁଛି ମଧୁର ସୁରେ । ୨ ।

ଜନମେ ଜନମେ ତା'ର ସେବା କରି
ଯାଉ ମୋର ଦିନ ବିତି
ଆଶାର ଆଲୋକେ ଆଲୋକିତ ହେଉ
ଜୀବନର ବନବୀଥି
ତା'ର ନାମ ଗାଇ ମିଳୁ ମତେ ଶାନ୍ତି, ଏତିକି ପ୍ରାର୍ଥନା କରେ । ୩ ।

Digitized by PPRACHIN, SOA

ମାଆ

ଅତି ମାନସର ଅବତାର ତୁମେ
ଚରଣ କମଳେ ତୁମର ପ୍ରଣମେ
ଜୀବନର ପଥେ ହାତ ଧରି ମତେ
ନିଅ ଏଇ ଭବ ଭୂମେ । ୦ ।

ଏ ଧରାର ଧୂଳି ଚନ୍ଦନ ହୋଇବ
ମନ୍ଦାର ସୁମନ ପାରିଜାତ ହେବ
ସରଗର ଶିରୀ ଝଲସି ହସିବ ଏଇ ମରତର ଧାମେ । ୧ ।

ଅଧିକ ସବୁଜ ଗଛଲତା ହେବ
ମଣିଷ ମନରେ ଚେତନା ବଢ଼ିବ
ମାନବିକତାର ଅଭିଷେକ ହେବ ବିଶ୍ୱ ସୁନାସିଂହାସନେ । ୨ ।

ଅତିମାନବର ଆଗମନ ପାଇଁ
ଦଶଦିଗ ଏବେ ରହିଛନ୍ତି ଚାହିଁ
ଆମ ସହଯୋଗ ମିଳିଲେ ମଣିଷ ବସିବ ଦେବ ଆସନେ । ୩ ।

ଚୈତ୍ୟସତ୍ତା ହେବ ଜୀବନ ମାଲିକ
ମନ ପ୍ରାଣ ଦେହେ ଆସିବ ଆଲୋକ
ବିଶ୍ୱପରିବାର ଗଠିତ ହୋଇବ ଅତିମାନସର ଦାନେ । ୪ ।

●●●

Digitized by PPRACHIN, SOA

ଦଶଭୁଜା

ଉଚ୍ଛୁଳି ଉଠୁଛି ଆଜି ଭକତିର ସୁଧା ସିନ୍ଧୁ
ମାଆ ତୁମେ ସାଜିଅଛ ତହିଁ ପୂର୍ଣ୍ଣିମାର ଇନ୍ଦୁ । ୦ ।

ଓଁକାରମୟୀ ଜନନୀ ମାଆ ପତିତ ପାବନୀ
ପରାଶକ୍ତି ସନାତନୀ ମାଆ ଦନୁଜ ଦଳିନୀ
ଶୈଳସୁତା ଆଦିମାତା ଶରଣାଗତର ବନ୍ଧୁ । ୧ ।

ବରଦ ହସ୍ତା ମାତୃକା ବିଶ୍ୱପ୍ରାଣ ସଞ୍ଚାଳିକା
ଭବ ତାରିଣୀ କାଳିକା ଆନନ୍ଦମୟୀ ଅମ୍ବିକା
ସନ୍ତାନ କଳୁଷହର ବରଷି ଅମୃତ ବିନ୍ଦୁ । ୨ ।

ଚରାଚର ପୁଲକିତ ମାଆ ମହିମା ସଂଗୀତ
ଗାନେ ପୁରବାସୀମତ୍ତ ସରଗ କି ଏ ମରତ
ଚରଣେ ପ୍ରଣତ ତୁମ କିବା ଗୃହୀ କିବା ସାଧୁ । ୩ ।

ମାଆ ମହେଶ୍ୱରୀ ତାରା ଦଶ ଦୁଃଖ ଦୋଷହରା
ମହାସରସ୍ୱତୀ ଧୀରା ଦେବୀ ମୁକ୍ତିର ପସରା
କ୍ଷମାକର ଦୋଷାଦୋଷ ଦିଅ ମା' ଅଭୟ ମଧୁ । ୪ ।

•••

Digitized by PPRACHIN, SOA

ମାଗୁଣି

ତୁମରି ପାଦକୁ ନିରେଖି ଦେଖିବି
ଗାଉଥିବି ତୁମ ଗୀତ
ପାଦ ଚାଲୁଥିବ ତୁମରି ପଥରେ
କି ବରଷା ଖରା ଶୀତ । ୦ ।

ଆସୁଥିବ ବାସ କୁସୁମ ପ୍ରସରି
ହସୁଥିବ ମିଠାମିଠା
ସେ ବାସରେ ଥିବ ତୁମ ଅଙ୍ଗବାସ
ମଧୁରତା ମାଦକତା ।
ଆସିବ ଦେହେ ମୋ ଶତ ଶିହରଣ, ଚିତ୍ତ ପ୍ରୀତି ପୁଲକିତ । ୧ ।

ଧନ, ମାନ, ଜନ, ଯଶ ଗଉରବ
ସବୁ ଦେବି ତୁମ ପାଦେ
ମୋ ଆଖିର ଲୁହ ତୁମ ଚରଣରେ
ଢାଳିଦେବି ଅପ୍ରମାଦେ ।
ପାଇବି ତୁମକୁ ଭିତରେ ବାହାରେ ସପନ ହେବ ମୋ ସତ । ୨ ।

ତୁମ ହାତ ଧରି ବାଟ ଚାଲୁଥିବି
ଏ ଜୀବନ ଚଲାପଥେ
ଆରପାରେ ହୋଇ ଆଲୋକର ରେଖା
ବାଟ ଦେଖାଇବ ମତେ
ତୁମରି ଚରଣେ ଏତିକି ମାଗୁଣି, ମାଗେ କରି ପ୍ରଣିପାତ । ୩ ।

●●●

Digitized by PPRACHIN, SOA

ଡକ୍ଟର ଶରତ ଚନ୍ଦ୍ର ରଥ

ଜନ୍ମ ସ୍ଥାନ : ସାକ୍ଷୀଗୋପାଳ ନିକଟସ୍ଥ
ବୀରରାମଚନ୍ଦ୍ରପୁର ଶାସନ ।

ପିତାଙ୍କ ନାମ :
ଶ୍ରୀ ନୀଳାଦ୍ରି ବିହାରୀ ରଥ ।

ମାତାଙ୍କ ନାମ :
ଶ୍ରୀମତୀ ମନୋରମା ରଥ ।

ଶିକ୍ଷା : ଏମ୍.ଏ., ଏମ୍.ଫିଲ୍, ପିଏଚ୍.ଡି ।
୧୯୭୭ ମସିହାରେ ଓଡ଼ିଆ ଏମ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ଓ ଭକ୍ତକବି ମଧୁସୂଦନ ରାଓ ସ୍ୱର୍ଣ୍ଣପଦକ ଲାଭ ।

ବୃତ୍ତି : ସଂପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ ।

Digitized by PPRACHIN, SOA